ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.90 Bhubaneswar Saturday May 13 2023 ୨୬ତମ ବର୍ଷ ସଂଖ୍ୟା-୯୦ ଭୁବନେଶ୍ୱର, ଶନିବାର, ମଇ ୧୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୨୨ରେ ଫେରିବେ ରାଜ୍ୟପାଳ, ବିଳମ୍ବ ହୋଇପାରେ ମନ୍ତ୍ରୀଙ୍କ ଶପଥ ଉତ୍ସବ



ଭୁବନେଶ୍ୱର, ୧୫।୫।୨୦୨୩ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଦୁଇଜଣ ବିବାଦୀୟ ରାଷ୍ଟ୍ରମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିବା ଓ ଦିନେ-ଦୁଇଦିନ ମଧ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବାର ସମ୍ଭାବନା ରହିଥିବା ଚର୍ଚ୍ଚା ହେଉଛି । ମାତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଗତକାଲି ଅର୍ଥାତ୍ ମେ’ ୧୧ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ଛୁଟିରେ ନିଜ ଗୃହ ରାଜ୍ୟ ହରିୟାଣା ଯାଇଥିବାରୁ ନୂଆ ମନ୍ତ୍ରୀଙ୍କ ଶପଥ ସମାରୋହରେ ବିଳମ୍ବ ହୋଇପାରେ ବୋଲି ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରମ, ନିଯୁକ୍ତି ଓ ଇଏସଆଇ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ଆଜି ସକାଳେ ଇସ୍ତଫା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଭୟ ନିଜ ନିଜର ଇସ୍ତଫା ପତ୍ର ଅପରାହ୍ନ ୨ଟା ସୁଦ୍ଧା ପଠାଇଥିବାବେଳେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ମଧ୍ୟ ତାଙ୍କର ଇସ୍ତଫା ପତ୍ର ଦେଇଛନ୍ତି ।ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ମନ୍ତ୍ରୀ ସମୀର ଦାଶଙ୍କ ବିବାଦୀୟ ଭୂମିକା ଏବଂ ଜଣେ ବିଜେଡି ନେତ୍ରୀଙ୍କ ଦ୍ୱାରା ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ମାମଲା ଆସିଥିବାରୁ ଉଭୟଙ୍କୁ ମନ୍ତ୍ରୀପଦରୁ ବାଦ୍ ଦିଆଯାଇଛି । ଝାରସୁଗୁଡା ଉପନିର୍ବାଚନ ସରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଚର୍ଚ୍ଚା ଆଗରୁ ହେଉଥିଲା । ପୂର୍ବରୁ ନବ ଦାସଙ୍କ ହତ୍ୟା ଯୋଗୁ ମନ୍ତ୍ରିମଣ୍ଡଳରେ ଗୋଟିଏ ପଦବୀ ଖାଲି ରହିଥିବାବେଳେ ଏହି ଦୁଇ ମନ୍ତ୍ରୀଙ୍କ ଇସ୍ତଫା ପରେ ମୋଟ ୩ଟି ମନ୍ତ୍ରୀ ପଦ ଖାଲି ହୋଇଛି ।

## ଆଗକୁ ବଢିବ ତାତି : ୧୫ରୁ ରାଜ୍ୟରେ ଗ୍ରୀଷ୍ମପ୍ରବାହ

ଭୁବନେଶ୍ୱର, ୧୨।୫(ପି.ଏନ): ଆଗକୁ ବଢିବ ତାତି । ଆଗାମୀ ୨ ଦିନ ପରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୪ ଡ଼ିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ୧୫ ମଇରୁ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରୀ ରହିବ । ଯାହାର ପ୍ରଭାବରେ ୧୫ ତାରିଖରୁ ଆଭ୍ୟନ୍ତରିଣ ଓଡ଼ିଶାର କିଛି ଜିଲ୍ଲାରେ ତାପମାତ୍ରା ୪୫ ଡ଼ିଗ୍ରୀ ଛୁଇଁବାର ସମ୍ଭାବନା ରହିଛି । ୧୫ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଅନୁଗୁଳ ଏବଂ ୧୬ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବୌଦ୍ଧ, ସୋନପୁର, ବଲାଙ୍ଗିର ଏବଂ ଅନୁଗୁଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବା ନେଇ ଚେତାବନୀ ଜାରୀ କରିଛି ପାଣିପାଗ ବିଭାଗ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏବଂ ମନ୍ତ୍ରୀ ସମୀର ରଂଜନ ଦାସ ଓ ଶ୍ରୀକାନ୍ତ ସାହୁ ଦେଲେ ଇସ୍ତଫା

ଭୁବନେଶ୍ୱର, ୧୨।୫(ପି.ଏନ): ବିଧାନସଭା ବାଚସ୍ପତି ପଦରୁ ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେଇଥିବା ବେଳେ ରାଜ୍ୟ ମନ୍ତ୍ରିମଣ୍ଡଳର ଦୁଇ ମନ୍ତ୍ରୀ ଆଜି ଇସ୍ତଫା ଦେଇଛନ୍ତି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମଧ୍ୟ ଇସ୍ତଫା ଦେଇଛନ୍ତି । ଉଭୟ ମନ୍ତ୍ରୀ ଗତ କିଛି ଦିନ ହେଲା ବିବାଦ ଘେରରେ ଥିଲେ । ବିରୋଧୀ ଦଳ ପକ୍ଷରୁ ଉଭୟ ମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେବା ସହ ଆନ୍ଦୋଳନ ହେଉଥିଲା । ଦଳର ସାଂଗଠନିକ କାର୍ଯ୍ୟ ତୁଲାଇବା ଲାଗି ସେମାନେ ଇସ୍ତଫା ଦେଇଛନ୍ତି ବୋଲି ଉଭୟ ଶ୍ରୀକାନ୍ତ ସାହୁ ଓ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟା ଦେଇଛନ୍ତି। ୨୦୨୨ରେ ହୋଇଥିବା ଅଦଳବଦଳରେ ଗଞ୍ଜାମ ଜିଲ୍ଲା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କୁ ନୂଆ କରି ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ଶ୍ରମ ଓ କର୍ମଚାରୀ ବୀମା ବିଭାଗ(ରାଷ୍ଟ୍ରମନ୍ତ୍ରୀ-ସ୍ୱାଧୀନ ) ଦାୟିତ୍ୱ ମିଳିଥିଲା ସେହିପରି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ମନ୍ତ୍ରୀ ପଦ ମିଳିଥିଲା ।ଦଳର ଭାବମୂର୍ତ୍ତିକୁ ନିର୍ମଳ ରଖିବା ପାଇଁ ଏହି ଦୁଇ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିବା ଅନୁମାନ କାରଯାଉଛି । କାରଣ ଶ୍ରୀକାନ୍ତ ନାମରେ ପୂର୍ବରୁ ବିଜେଡି ଦଳର ଜଣେ ନେତ୍ରୀ ଯୌନ କେଳେଙ୍କାରୀ ଅଭିଯୋଗ ଆଣିଥିଲେ। ସେହିପରି ପୁରୀ ଜିଲ୍ଲା ଗୋପ ବ୍ଲକ୍ ୧୧ ନଂ ଜିଲ୍ଲା ପରିଷଦ ଜୋନ୍ ସଭ୍ୟ ତଥା ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଉପରେ ଆଙ୍ଗୁଳି ଉଠିଥିଲା। ତେଣୁ ଏହି ଦୁଇ ଜଣ ମନ୍ତ୍ରୀ ବିବାଦ ଘେରରେ ଥିଲେ । ବିକ୍ରମ ଆରୁଖ ନିଜ ଇସ୍ତଫାକୁ ନେଇ କହିଛନ୍ତି ଯେ ସେ ବ୍ୟକ୍ତିଗତ କାରଣ ପାଇଁ ବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି । ସେ ନିଜର ଇସ୍ତଫା ପତ୍ର ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ପାଖକୁ ପଠାଇଥିବା କହିଛନ୍ତି । ବାଚସ୍ପତି ଭାବେ ମୁଁ ନିଷ୍ଠାର ସହିତ କାର୍ଯ୍ୟକରିବାକୁ ଚେଷ୍ଟା କରିଛି। ଆଗକୁ ମଧ୍ୟ ରାଜନୈତିକ ଜୀବନରେ ନିଷ୍ଠାର ସହ କାମ କରିବି ବୋଲି ଶ୍ରୀ ଆରୁଖ ସାମ୍ବାଦିକମାନଙ୍କୁ କହିଛନ୍ତି। ଦଳ ମୋତେ ଯେଉଁ ଦାୟିତ୍ୱ ଦେଲେ ବି ମୁଁ ତାହାକୁ ଆନ୍ତରିକତାର ସହିତ ସମ୍ପନ୍ନ କରିବି ବୋଲି ସେ କହିଛନ୍ତି ।

## ଝାରସୁଗୁଡା ଉପନିର୍ବାଚନ ମତଗଣନାରେ ସମସ୍ତ ପ୍ରସ୍ତୁତି ଶେଷ

ଭୁବନେଶ୍ୱର, ୧୨।୫(ପି.ଏନ): ଝାରସୁଗୁଡା ବିଧାନସଭା ଉପ ନିର୍ବାଚନ ପାଇଁ ଶନିବାର ଦିନ ଭୋଟ ଗଣନା ହେବ । ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଗଣନା ଓ ଫଳାଫଳ ଘୋଷଣା କାର୍ଯ୍ୟ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ହେବ ବୋଲି ସୂଚନା ଦେଇଛନ୍ତି ସିଇଓ ନିକୁଞ୍ଜ ବିହାରୀ ଧଳ ।ସେ କହିଛନ୍ତି ଯେ ଝାରସୁଗୁଡା ସ୍ଥିତ ଇଞ୍ଜିନିୟରିଙ୍ଗ କଲେଜରେ ହୋଇଛି ମତଗଣନା କେନ୍ଦ୍ର ରେ ମତଗଣନା ହେବ । ମତଗଣନା ସକାଳ ୮ଟାରୁ ଆରମ୍ଭ ହେବ । ପ୍ରଥମେ ପୋଷ୍ଟାଲ ବାଲାଟ ଗଣନା ହେବ । ସେହିପରି ୮.୩୦ରୁ ଇଭିଏମ ଗଣନା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଇଭିଏମ ଗଣନା ଲାଗି ୧୪ଟି କାଉଟିଙ୍ଗ ଟେବୁଲ ବ୍ୟବସ୍ଥା ହୋଇଛି । ଆଉ ଗୋଟିଏ କାଉଟିଙ୍ଗ ଟେବୁଲରେ ପୋଷ୍ଟାଲ ବାଲାଟ ଗଣନା ହେବ । ୧୫୩ ବୁଥ ଥିବାରୁ ୧୯ ରାଉଣ୍ଡ ଗଣନା ହେବ ।ସେହିପରି ମତ ଗଣନାକୁ ତଦାରଖ କରିବା ଲାଗି ସେଣ୍ଟ୍ରାଲ ଅବଜରଭର ଉପସ୍ଥିତ ରହିବେ । ପ୍ରତ୍ୟେକ ଟେବୁଲରେ ଜଣେ ଲେଖାଏଁ କାଉଟିଙ୍ଗ ସୁପରଭାଇଜର, ଜଣେ ସହାୟକ ରହିବେ । ଏହା ସହ ଜଣେ ମାଇକ୍ରୋ ଅବଜରଭର ରହିବେ । ଗ୍ରାଉଣ୍ଡବାରୀ ଫଳାଫଳ ଘୋଷଣା ଲାଗି ବ୍ୟବସ୍ଥା ହୋଇଛି ।ପ୍ରତ୍ୟେକ ଟେବୁଲରେ ପ୍ରାର୍ଥୀ ତାଙ୍କର ଏଜେଣ୍ଟ ଦେଇପାରିବେ । ସେହିପରି ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟ କାଉଟିଙ୍ଗ ସେଣ୍ଟରରେ ଉପସ୍ଥିତ ରହିପାରିବେ । ଭୋଟ ଗଣତି କେନ୍ଦ୍ରରେ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଭିତରେ ଅର୍ଦ୍ଧ ସୁରକ୍ଷା ବଳ, ରାଜ୍ୟ ସଶସ୍ତ୍ର ପୁଲିସ ଓ ଓଡ଼ିଶା ପୁଲିସ ନିୟୋଜିତ ହେବେ । ସାଧାରଣ ଲୋକ ମଧ୍ୟ ସିଧାସଳଖ ଫଳାଫଳ ଜାଣିପାରିବେ । ଗତ ୧୦ ତାରିଖରେ ଭୋଟ ଗ୍ରହଣ ହୋଇଥିଲା ।

## ଓଡିଶା ଗସ୍ତରେ ଆସି କଟକ ପହଂଚିଲେ ସଂଘ ମୁଖ୍ୟ ମୋହନ ଭାଗବତ

ଭୁବନେଶ୍ୱର, ୧୨।୫(ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ଆଜି ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଁଚିଛନ୍ତି । ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସଂଘର ପ୍ରାନ୍ତ ସଂଘଚାଳକ ସମୀର ମହାନ୍ତି ଓ ଅନ୍ୟ ମାନେ ତାଙ୍କୁ ସ୍ୱାଗତ କରିଥିଲେ ।ଏହା ପରେ ସେ କଟକର କେଶବଧାମକୁ ଯାତ୍ରା କରିଛନ୍ତି । ଆଜି ଠାରୁ କେଶବଧାମ, ଗତିରାଉତ ପାଟଣା, କଟକ ଠାରେ ସଂଘର ସଂଘ ଶିକ୍ଷାବର୍ଗ ଆରମ୍ଭ ହେଉଛି । ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପାଇଁ ଡ. ଭାଗବତ ଏଠାରେ ୪ ଦିନ ପାଇଁ ଅବସ୍ଥାନ କରିବେ । ଏଠାରେ କୌଣସି ସାର୍ବଜନିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ଏହି ପ୍ରବାସ କେବଳ ସାଂଗଠନିକ କାର୍ଯ୍ୟପାଇଁ ଉଦ୍ଦିଷ୍ଟ । ଏହାପରେ ଡ.ଭାଗବତ ଚାରି ଦିନିଆ ଓଡିଶା ପ୍ରବାସ ସାରି ମେ ୧୫ ତାରିଖ ଦିନ ପ୍ରତ୍ୟାବର୍ତନ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆ ଯାଇଛି ।

## CBSE ୧୦ମ ରେଜଲ୍ଟ, ଭୁବନେଶ୍ୱର ରିଜିଅନରେ ୯୩.୬୪% ପିଲା ପାସ୍



ଭୁବନେଶ୍ୱର,୧୨।୫(ପି.ଏନ) : ବିଏସ୍ଇ ପକ୍ଷରୁ ଆଜି ଉଭୟ ୧୦ମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ରେଜଲ୍ଟ ପ୍ରକାଶ ପାଇଛି। ପ୍ରଥମେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ରେଜଲ୍ଟ ବାହାରିଥିଲା। ଅପରାହ୍ନରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ରେଜଲ୍ଟ ପ୍ରକାଶ ପାଇଛି। ପରୀକ୍ଷା ଦେଇଥିବା ମୋଟ ପିଲାଙ୍କ ମଧ୍ୟରୁ ୯୩.୧୨% ଶିକ୍ଷାର୍ଥୀ ପାସ୍ ? କରିଛନ୍ତି ।ଚଳିତ ବର୍ଷ ମୋଟ ୨୧,୮୪,୧୧୭ ଜଣ ଶିକ୍ଷାର୍ଥୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୧,୬୫,୮୦୫ ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷା ଦେଇଥିବା ପିଲାଙ୍କ ମଧ୍ୟରୁ ୨୦,୧୬,୭୭୯ ଜଣ ପାସ୍ କରିଛନ୍ତି। ଏହି ଲିଙ୍କରେ ପିଲାମାନେ ସେମାନଙ୍କ ରେଜଲ୍ଟ ଜାଣି ପାରିବେ। https://testservices.nic.in/cbseresults/class_x_2023/ClassTenth_c_2023.htm ସବୁଥର ଭଳି ଏଥର ମଧ୍ୟ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୪.୨୫% ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୯୨.୨୭% ଓ ଟ୍ରାନ୍ସଜେଣ୍ଡର ଶିକ୍ଷାର୍ଥୀଙ୍କ ପାସ୍ ହାର ୯୦% ରହିଛି। ଏହାର ଅର୍ଥ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ୧.୨୮% ଅଧିକ ରହିଛି।

## ଯାନ୍ତ୍ରିକ ତ୍ରୁଟି, ଚିଲିକା ମଝିରେ ଫସିଲା ଡ଼ଙ୍ଗା

ପୁରୀ, ୧୨।୫(ପି.ଏନ): ଆଜି ପୂର୍ବାହ୍ନରେ ଜହ୍ନିକୁଦାରୁ ପ୍ରାୟ ୩୦ ଜଣ ଯାତ୍ରୀଙ୍କୁ ନେଇ ସାତପଡ଼ା ଅଭିମୁଖେ ଯାଉଥିବା ବେଳେ ଏକ ମୋଟର ବୋଟ୍ ଚିଲିକା ମଝିରେ ଫସିଛି । ପାଣି ଭିତରେ ପାଖାପାଖି ୪ କି.ମି. ଯିବାପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମଝି ଚିଲିକାରେ ଡ଼ଙ୍ଗାଟି ଅଟକି ଥିବାର ସୂଚନା ମିଳିଛି ।

## ଲାଂଚ ନେବା ମାମଲାରେ ଅନୁଗୁଳ ତହସିଲ ଅଫିସର ପୂର୍ବତନ କନିଷ୍ଠ କିରାଣିଙ୍କୁ ଦଣ୍ଡାଦେଶ

ଭୁବନେଶ୍ୱର,୧୨।୫(ପି.ଏନ): ଅନୁଗୁଳର ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଏକ ଲାଂଚ ନେବା ମାମଲାରେ ଅନୁଗୁଳ ତହସିଲ ଅଫିସର ପୂର୍ବତନ କନିଷ୍ଠ କିରାଣି ପଙ୍କଜିନୀ ବିଶ୍ୱାଳଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ ତାଙ୍କୁ ୩ ବର୍ଷ ପାଇଁ କାରାଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଦୁଇଟି ଜମିପଟ୍ଟା ମ୍ୟୁଟେସନ୍ ମାମଲାରେ ଫାଇଲ ପ୍ରକ୍ରିୟାକରଣ ପାଇଁ ଅଭିଯୋଗକାରୀଙ୍କଠାରୁ ଲାଂଚ ମାଗିବା ଏବଂ ଗ୍ରହଣ କରିବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାଙ୍କୁ ୩ ବର୍ଷ ପାଇଁ କାରାଦଣ୍ଡରେ ଦଣ୍ଡିତ କରାଯାଇଛି ଏବଂ ୫ ହଜାର ଟଙ୍କା ଜରିମାନା ଏବଂ ଜରିମାନା ନ ଦେଲେ ୨ ମାସ ଲାଗି ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଜଣାଯାଇଛି ।

## ୪ ହାତୀଙ୍କ ମୃତଦେହ ଠାବ, ବିଦ୍ୟୁତ ଆଘାତରେ ମୃତ୍ୟୁ ସନ୍ଦେହ

ଗୁଣୁପୁର, ୧୨।୫(ପି.ଏନ): ଓଡ଼ିଶା ସୀମାନ୍ତ ଆନ୍ଧ୍ରପ୍ରଦେଶର ମାନ୍ୟମ ଜିଲ୍ଲା କାତ୍ରାଗଡ଼ା ଗାଁ ନିକଟରେ ପଡିଛି ୪ ହାତୀଙ୍କ ମୃତଦେହ । ବିଦ୍ୟୁତ ଟ୍ରାନ୍ସଫର୍ମର ନିକଟରେ ଏହି ୪ ହାତୀଙ୍କ ମୃତଦେହ ପଡିଥିବାରୁ ବିଦ୍ୟୁତ ଆଘାତରେ ହାତୀମାନଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ।

## ଇମ୍ରାନ ଖାନଙ୍କୁ ଆଶ୍ୱସ୍ତି, ୧୭ ଯାଏ ଗିରଫ ନ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,(ପି.ଏନ), ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ବଡ ଆଶ୍ୱସ୍ତି। ଗୁରୁବାର ସୁପ୍ରିମକୋର୍ଟ ତାଙ୍କ ଗିରଫଦାରୀକୁ ବେଆଇନ ବା ଅବୈଧ କହିଥିବା ବେଳେ ଆଜି ଇସଲାମାବାଦ ହାଇକୋର୍ଟ ତାଙ୍କୁ ଅଲ କାଦିର ଟ୍ରଷ୍ଟ ମାମଲାରେ ୨ ସପ୍ତାହର ଜାମିନ ଦେଇଛନ୍ତି। ଏଥିସହ ପାକିସ୍ତାନ ତେହରିକ-ଇ-ଇନସାଫ (ପିଟିଆଇ) ମୁଖ୍ୟ ଇମ୍ରାନ ଖାନଙ୍କୁ ବୁଧବାର ଯାଏ କୌଣସି ନୂଆ ମାମଲାରେ ଗିରଫ କରାଯାଇ ପାରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

## ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ : ପ୍ରଧାନ ଶିକ୍ଷକଙ୍କ ସମେତ ତିନି ଜଣଙ୍କୁ ୪ ବର୍ଷ ଜେଲ୍

କନ୍ଧମାଳ, ୧୨।୫(ପି.ଏନ): ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଆଜି ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ତିନିଜଣଙ୍କୁ ୪ ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଦୋଷୀ ମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତ ମାନଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ମାନେ ହେଲେ ଖଜୁରୀପଡା ବ୍ଲକ ଘାଟିତଳ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ କିଶୋର କୁମାର ଦାସ, ସର୍ବଶିକ୍ଷା ଅଭିଯାନର ବୈଷୟିକ ପରାମର୍ଶଦାତା ପୃଥ୍ୱୀରାଜ ଲେଙ୍କା ଓ ବିଦ୍ୟାଳୟ କମିଟି ସଭାପତି ସୁବୀନ୍ଦ୍ର କହଁର ।ସୂଚନା ଅନୁସାରେ, ୨୦୧୪ ମସିହାରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସର୍ବଶିକ୍ଷା ଅଭିଯାନ ପାଣ୍ଠିରୁ ୯ ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥରୁ ୮ ଲକ୍ଷ ୯୬ ହଜାର ଟଙ୍କା ଉଠା ଯାଇଥିଲା। ତେବେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ଅଭିଯୁକ୍ତ ମାନେ କାମ ନ କରି ଏହି ଅର୍ଥ ହଡପ କରିବା ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହେବା ପରେ ଡିଏସପି ହରେକୃଷ୍ଣ ବେହେରା ତଦନ୍ତ କରି ଅଭିଯୋଗରେ ସତ୍ୟତା ଥିବା ଜାଣିବା ପରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୩/୧୪ ରେ ଏକ ମାମଲା ରୁଜୁ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି କରି ଫୁଲବାଣୀ ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା ୨୧ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ଭି.ଭି. ରାମଦାସ ପରିଚାଳନା କରୁଥିଲେ।

## ଠକେଇ ଅଭିଯୋଗରେ ଅବସରପ୍ରାପ୍ତ ସେନା କର୍ମଚାରୀ ଗିରଫ

ଖୋର୍ଦ୍ଧା, ୧୨।୫(ପି.ଏନ): ବାଣପୁର ଥାନା ଅଂଚଳର ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଠକେଇ କରିଥିବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ପୋଲିସ ଗିରଫ କରିଛି। ଗିରଫ ସେନା କର୍ମଚାରୀ ଜଣକ ହେଲେ ଭୀମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ ।ଅଭିଯୋଗ ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ପୁରୁଷୋତମପୁର ଥାନା ଅଂଚଳର ରାଜେଶ କୁମାର ମୁନି (୪୧) ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ସର୍ବଭାରତୀୟ ବନ୍ଧୁକ ଲାଇସେନ୍ସ କରାଇଦେବା ଓ ମୁମ୍ବାଇରେ ଚାକିରୀ କରାଇଦେବା ନେଇ ଗତବର୍ଷ ୨୨ ସେପଟ୍ମେବରରେ ଅନଲାଇନ ମାଧ୍ୟମରେ ୬୫ ହଜାର ସମେତ ନଗଦ ୨ ହଜାର ଏପରିକି ମୋଟ ୬୭ ହଜାର ଟଙ୍କା ଠକି ନେଇଥିଲେ। ରାଜେଶଙ୍କ କୌଣସି କାମ ନହେବାରୁ ସେ ପୂର୍ଣ୍ଣଙ୍କୁ ଟଙ୍କା ଫେରାଇଦେବା ପାଇଁ କହିଥିଲେ। ହେଲେ ପୂର୍ଣ୍ଣ ମାସ ମାସ ଧରି ରାଜେଶଙ୍କୁ ଟଙ୍କା ଫେରାଇ ନଥିଲେ। ଏପରିକି ପୂର୍ଣ୍ଣ ଟଙ୍କା ନଫେରାଇ ଓଲଟା ରାଜେଶଙ୍କୁ ଧମକଚମକ ଦେଉଥିଲେ। ଏନେଇ ଗତ ଜାନୁଆରୀ ୮ରେ ପୁରୁଷୋତ୍ତମପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଭିତି କରି ପୋଲିସ କେସ ନମ୍ବର ୧୫/୨୩, ଆଇପିସି ଧାରା ୪୨୦, ୫୦୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ।ତେବେ ପୋଲିସ ସହ ପୂର୍ଣ୍ଣ ପୂର୍ବରୁ ଲୁଚକାଳି ଖେଳିଆସୁଥିଲା। ହେଲେ ଗତକାଲି ପୁରୁଷୋତମପୁର ପୋଲିସ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ତାକୁ ଗିରଫ କରି କୋର୍ଟଚାଲାଣ କରିଛି।

## ବିନା କାଗଜପତ୍ରରେ ବେଧଡକ ଚାଲିଛି କେନ୍ଦୁପତ୍ର ଚାଲାଣ

ମାଲକାନଗିରି, (ପି.ଏନ): ବିନା କାଗଜପତ୍ରରେ ବେଧଡକ ଚାଲିଛି କେନ୍ଦୁପତ୍ର ଚାଲାଣ। ଘରୋଇ ସଂସ୍ଥାକୁ କେନ୍ଦୁପତ୍ର କିଣିବା ପାଇଁ ପଂଚାୟତ ସ୍ତରରେ ଦିଆଯାଇଛି ରସିଦ। କେତେ କେନ୍ଦୁପତ୍ର କିଣୁଛନ୍ତି ଘରୋଇ ସଂସ୍ଥା ତାହାର ହିସାବ ପଂଚାୟତ ପାଖରେ ନାହିଁ। ବେଆଇନ ଭାବରେ ବାହାର ରାଜ୍ୟକୁ ରପ୍ତାନି ହେଉଛି ହଜାର ହଜାର କେନ୍ଦୁପତ୍ର। ବନ ବିଭାଗ ପାଖରେ ଖବର ନାହିଁ କିମ୍ବା ପଂଚାୟତରେ ମିଳୁନି ତଥ୍ୟ। ବର୍ତମାନ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀ ଓ ବଙ୍ଗୀୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ବେଶ ଦୁଇ ପଇସା ରୋଜଗାର କରିବାର ସମୟ। ସେଥି ମଧ୍ୟରୁ କେନ୍ଦୁପତ୍ର ହେଉଛି ଅନ୍ୟତମ କେନ୍ଦୁପତ୍ର ତୋଳିବା ପାଇଁ ଆଦିବାସୀ ମାନଙ୍କ ପୁରା ପରିବାର ନିଜର ପିଲା ଛୁଆ ଧରି ସକାଳୁ ସକାଳୁ ବାହାରି ପଡନ୍ତି ନିକଟରେ ଥିବା ଜଙ୍ଗଲକୁ ।ସାଙ୍ଗରେ ଧରି ଥାନ୍ତି ସେହି ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ ପେଜ ।ନିକଟ ଜଙ୍ଗଲରେ ପହଂଚି ଆରମ୍ଭ କରି ଦିଅନ୍ତି କେନ୍ଦୁପତ୍ର ତୋଳିବା, ମଝିରେ ଭୋକ ଲାଗିଲେ ସାଙ୍ଗରେ ନେଇଥିବା ମାଣ୍ଡିଆ ପେଜରୁ ଦୁଇ ଗ୍ଲାସ ଖାଇ ପୁଣି କେନ୍ଦୁପତ୍ର ତୋଳିବାରେ ଲାଗି ପଡନ୍ତି ପୁରା ପରିବାର। କେନ୍ଦୁପତ୍ର ତୋଳି ମଧ୍ୟାହ୍ନ ସମୟରେ ଘରକୁ ଫେରନ୍ତି ଟିକେ କଣ ଦୁଇଟା ଖାଇ ଦେଇ ଟିକେ ବିଶ୍ରାମ କରିବା ପରେ ଲାଗି ପଡ଼ିଥାନ୍ତି ସଂଗ୍ରହ କରିଥିବା କେନ୍ଦୁପତ୍ର ଗୁଡିକୁ ସଜାଡି ବିଡା ବାନ୍ଧିବା କାର୍ଯ୍ୟରେ। କେନ୍ଦୁପତ୍ର ବିଡା ବାନ୍ଧି ସାରିବା ପରେ ସେଗୁଡିକ ନେଇଥାନ୍ତି ଗାଁ ମୁଣ୍ଡରେ ଥିବା ଅସ୍ଥାୟୀ ପଡିକୁ ।ପୂର୍ବରୁ କେନ୍ଦୁପତ୍ର ଗୁଡିକୁ କେବଳ ସରକାରୀ ସ୍ତରରେ କ୍ରୟ କରାଯାଉଥିଲା। କିନ୍ତୁ, ରାଜ୍ୟ ସରକାର ପଂଚାୟତ ସ୍ତରରେ କେନ୍ଦୁପତ୍ର କ୍ରୟ କରିବା ପାଇଁ ଘରୋଇ ସଂସ୍ଥା ମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି ।ସରକାରଙ୍କ ପକ୍ଷରୁ ଅସ୍ଥାୟୀ ପଡି ମଧ୍ୟ ଅଛି, କିନ୍ତୁ ସରକାରୀ ପଡିରେ କେନ୍ଦୁପତ୍ର ତୋଳାଳୀ ମାନେ ବିକ୍ରୟ କରିଲେ ସେମାନଙ୍କ ପଇସା ସିଧାସଳଖ ତୋଳାଳୀ ମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ତାପରେ ସରକାରୀ ସ୍ତରରେ ଯେଉଁମାନେ ଦେଉଛନ୍ତି ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗ ମିଳୁଛି ସତ, କିନ୍ତୁ ଟିକେ ବିଳମ୍ବ ହେଉଛି। କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ନୀତି ଦିନର ତେଲ ଲୁଣର ଖର୍ଚ୍ଚ ପାଇଁ ସରକାର ଘରୋଇ ସଂସ୍ଥା ମାନଙ୍କୁ କ୍ରୟ କରିବା ପାଇଁ ଅନୁମତି ଦେଇଛନ୍ତି। ସରକାର ଘରୋଇ ସଂସ୍ଥା ମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ରଖିଛନ୍ତି। ଘରୋଇ ସଂସ୍ଥା ମାନେ ଆବଶ୍ୟକ ନିଜର ତଥ୍ୟ ପ୍ରଦାନ କରି ପଂଚାୟତ କାର୍ଯ୍ୟାଳୟରେ ରସିଦ କାଟି କେନ୍ଦୁପତ୍ର କ୍ରୟ କରିପାରିବେ। ସେଗୁଡିକ କ୍ରୟ କରି ସରିବା ପରେ କେନ୍ଦୁପତ୍ର ଗୁଡିକୁ ବସ୍ତା କରି ପଂଚାୟତ ଗୋଦାମ ଗୃହରେ ରଖିବେ। ପରେ ସେହି କେନ୍ଦୁପତ୍ର ବସ୍ତା ଗୁଡିକ ଯେତେବେଳେ ପଂଚାୟତ ବାହାରକୁ ଚାଲାଣ ହେବ ସମ୍ପୃକ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସ୍ତା ଗୁଡିକ ଯାଂଚ୍ କରିବା ପରେ ବାହାର ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଏକ ନିର୍ଦ୍ଦେଶନାମା ଦେବା ପରେ କେନ୍ଦୁପତ୍ର ବସ୍ତା ଗୁଡିକ ବାହାରକୁ ଯିବାର ଯାହା ବ୍ୟବସ୍ଥା ଅଛି। ତାହା ସହିତ ଘରୋଇ ସଂସ୍ଥା ଦ୍ୱାରା କେତେ ପରିମାଣରେ କେନ୍ଦୁପତ୍ର ତୋଳା ଯାଇଛି ଏକ ହିସାବ ରହିବ ବୋଲି ଯାହା ସରକାରୀ ବ୍ୟବସ୍ଥା ରହିଛି। କିନ୍ତୁ, ଘରୋଇ ସଂସ୍ଥା ଓ ସରକାରୀ ବାବୁ ମାନେ ତାହାକୁ ବେଖାତିର କରି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଖାଲି କ୍ରୟ କରିବା ପାଇଁ ଘରୋଇ ସଂସ୍ଥାଙ୍କ ପାଖରୁ ଆବଶ୍ୟକ କାଗଜପତ୍ର ରଖି ପଂଚାୟତ ବିବିଧ ରସିଦ କାଟି ହାତ ବାନ୍ଧି ବସି ପଡୁଛନ୍ତି। ଘରୋଇ ସଂସ୍ଥା ମାନେ କେତେ କେନ୍ଦୁପତ୍ର କ୍ରୟ କରୁଛନ୍ତି ସେଗୁଡ଼ିକ କେଉଁଠିକି ସେମାନେ ନେଉଛନ୍ତି ତାହାର ହିସାବ ନା ପଂଚାୟତ ଅଧିକାରୀ ମାନେ ଦେଇ ପାରୁଛନ୍ତି ନା କେନ୍ଦୁଲିଫ ଅଧିକାରୀ ମାନେ ଦେଇ ପାରୁଛନ୍ତି। କେନ୍ଦୁପତ୍ର କ୍ରୟ ସଂସ୍ଥା ମାନେ ପଂଚାୟତରେ ଲକ୍ଷାଧିକ ଟଙ୍କା ଅମାନ୍ତ ଆକାରରେ ଜମା କରିବା କଥା, ହେଲେ ତାହା କରୁନଥିବା ବେଳେ ବେଳେ କ୍ରୟ ସଂସ୍ଥା ଗୁଡିକ ତୋଳାଳୀ ମାନଙ୍କୁ ଟଙ୍କା ନଦେଇ ଚାଲି ଯାଉଛନ୍ତି। ସେ ସମୟରେ ପଂଚାୟତ ତରଫରୁ ରଖାଯାଇଥିବା ଅଗ୍ରିମ ଟଙ୍କାରୁ ପ୍ରଦାନ କରିବା ପାଇଁ ନିୟମ ରହିଛି। ହେଲେ ଏହାକୁ କେହି ପାଳନ କରୁନାହାନ୍ତି। ଏପରି ଚିତ୍ର ସାମ୍ନାକୁ ଆସିଛି ମାଲକାନଗିରି ଜିଲ୍ଲା ମାଥିଲି, କାଲିମେଳା ଓ ଏମଭି -୭୯ କେନ୍ଦୁପତ୍ର ବନାଚଂଳରେ। ମାଥିଲି କେନ୍ଦୁପତ୍ର ବନାଚଂଳରେ ସରକାରୀ ସ୍ତରରେ କ୍ରୟ କରିବା ପାଇଁ ୬୭ ଟି ପଡି ରହିଥିବା ବେଳେ ୬୬୬୬ ଜଣ ହିତାଧିକାରୀଙ୍କ ନାମ ପନ୍ଜିକୃତ ହୋଇଛି। ସେହିପରି ଏମଭି -୭୯ ବନାଚଂଳରେ ୫୫ ଟି ଫଡ଼ିରେ ୫୪୦୩ ତୋଳାଳୀ ନାମ ପଞ୍ଜିକୃତ କରିଛନ୍ତି । ସମସ୍ତ ହିତାଧିକାରୀ ସରକାରୀ ସୁବିଧା ପାଉଛନ୍ତି ବୋଲି ମାଥିଲି କେନ୍ଦୁପତ୍ର ବନାଚଂଳ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ଏମଭି -୭୯ କେନ୍ଦୁପତ୍ର ବନାଚଂଳ ଅଧିକାରୀ ଆଶୁତୋଷ ସିଂ ସୂଚନା ଦେଇଛନ୍ତି। କେନ୍ଦୁପତ୍ର ବନାଚଂଳ ଅଧିକାରୀ ପାଖରେ ଘରୋଇ ସଂସ୍ଥା ଅଂଚଳରେ କେନ୍ଦୁପତ୍ର କ୍ରୟ କରୁଛନ୍ତି। ତାହାର ତଥ୍ୟ ରହୁନାହିଁ, ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ମଧ୍ୟ କୌଣସି ସୂଚନା ଦେଉନାହାନ୍ତି ।ଏ ବିଷୟରେ କିଛି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେମାନେ ଗୋଟିଏ କଥା କହିଥିଲେ ଆମେ ଘରୋଇ ସଂସ୍ଥା ମାନଙ୍କ ପାଖରୁ ଆବଶ୍ୟକ କାଗଜପତ୍ର ରଖି ପଂଚାୟତର ବିବିଧ ରସିଦ କାଟି ଦେଉଛୁ। ବାକି ଘରୋଇ ସଂସ୍ଥା ମାନେ କେତେ କେନ୍ଦୁପତ୍ର କ୍ରୟ କରୁଛନ୍ତି ତାହାର ହିସାବ ଆମ ପାଖରେ ନାହିଁ। ସେମାନଙ୍କୁ ନେବାପାଇଁ ଜିଲ୍ଲା ସ୍ତରରେ ଡିପିଓ ନିର୍ଦ୍ଦେଶ ଦେଇଛନ୍ତି, ଆମକୁ ଅନ୍ୟ କିଛି ନିୟମ କାନୁନ ଦେଇ ନାହାଁନ୍ତି କି ସେ ବିଷୟରେ ଅଧିକାରୀ ମାନେ ଜାଣି ନାହାଁନ୍ତି। ଏଠି ସାଧାରଣରେ ଗୋଟିଏ ପ୍ରଶ୍ନ ଉଠିଛି ପଂଚାୟତ ସ୍ତରରେ କେନ୍ଦୁପତ୍ର ଚାଲାଣ ବ୍ୟବସ୍ଥା ଜିଲ୍ଲା ମୁଖ୍ୟାଳୟରେ ବସି କିପରି ଜାଣିବେ ପଂଚାୟତରେ କେତେ କେନ୍ଦୁପତ୍ର କ୍ରୟ ହେଉଛି। କେଉଁ ହିସାବରେ ଘରୋଇ ସଂସ୍ଥା ମାନେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ରାଜସ୍ୱ ଫାଙ୍କି ବେଧଡକ କେନ୍ଦୁପତ୍ର ଚାଲାଣ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାଲିମେଳା ବ୍ଲକରେ କିଛି ପଂଚାୟତରେ ସରପଂଚ ମାନଙ୍କୁ ହାତ କରି ଘରୋଇ ସଂସ୍ଥା ମାନେ ପଂଚାୟତରେ ଚାଳିଶ ହଜାର ଟଙ୍କାର ବିବିଧ ରସିଦ ନ କାଟି ଲକ୍ଷ ଲକ୍ଷ ଟଙ୍କାର କେନ୍ଦୁପତ୍ର କ୍ରୟ କରୁଥିବା ଅଭିଯୋଗ ହେଉଛି। ବିଶେଷ କରି ମାଥିଲି ଓ କାଲିମେଳା ବ୍ଲକର ଛତିଶଗଡ଼ ସୀମାନ୍ତକୁ ଲାଗି ରହିଥିବା ପଂଚାୟତ ଗୁଡିକରେ ଶହ ଶହ କେନ୍ଦୁପତ୍ର ବସ୍ତା ଦିନ ଦ୍ୱିପ୍ରହରରେ ପଡୋଶୀ ଛତିଶଗଡ଼ରୁ ଓଡିଶା ଓ ଓଡିଶାରୁ ଛତିଶଗଡକୁ ଚାଲାଣ ହେଉଛି। ପ୍ରଶାସନ ଯେମିତି ସବୁ ଜାଣି ଆଖିରେ ଅନ୍ଧ ପୁଟୁଳି ବାନ୍ଧି ରହିଛି। ଜିଲ୍ଲାର ବାଲିମେଳା, ମାଲକାନଗିରି, କଡାମେଟା, ମାଥିଲି, କାଲିମେଳା ଓ ଏମଭି -୭୯ କେନ୍ଦୁପତ୍ର ବନାଚଂଳରେ କୋଟି କୋଟି ଟଙ୍କାର ରାଜ୍ୟ ସରକାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଥିବା ବେଳେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମଇ ୧୩

# ସମର୍ଥମାନେ ଦାନ କରନ୍ତୁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଜୁଲମ କରି ଶାଶନାଧିକାରୀ ମାନେ ରାଜକର ଆଦାୟ କରନ୍ତି । ଦଣ୍ଡଭୟ କାର୍ଯ୍ୟାନୁଷ୍ଠାନ ଦ୍ୱାହିରେ ରାଜକର ସବୁ ସରକାର ଆଦାୟ କରୁଛି । କାହାରି ଦେୟ ଏକ ବର୍ଷ ଦୁଇବର୍ଷ କୌଣସି ଆର୍ଥିକ ଅସୁବିଧାରେ ପୈଠ ନହୋଇଥିଲେ ପରଥରକୁ ଜୋରିମାନା ସହିତ ଆଦାୟ କରାଯାଏ । ଜୁଲକରି ଚାନ୍ଦା, ବଟି ବି କିଛି ଲୋକ ହାଟବାଟର ଛୋଟ ବଣିକ ବେପାରୀଙ୍କ ଠାରୁ ଆଦାୟ କରୁଛନ୍ତି । ଜୁଲମ ନକରିବି ଏ ସମୟରେ କେତେ ମନ୍ଦିରରେ ଭୋଗ ଦୋକାନୀ, ଫୁଲ ଦୋକାନୀ, ଦୀପ ଦୋକାନୀ, ଯୋତା ଷ୍ଟାଣ୍ଡ, ଗାଡି ଷ୍ଟାଣ୍ଡରୁ ନିଲାମ ଟଙ୍କା ବର୍ଷକୁ ବର୍ଷ ସରକାର ନେଉଛନ୍ତି ମନ୍ଦିରରେ କୌଣସି ପୂଜା ପାଠ ପାଇଁ ରେଟ ଧାର୍ଯ୍ୟ କରି ସ୍ଲିପ ପାଉତି ଦେଇ ଟଙ୍କା ଗ୍ରହଣ କରାଯାଉଛି । ଲୋକ ବାଧ୍ୟ ହୋଇ ସଠିକ ମୂଲ୍ୟାୟନର ଦ୍ରବ୍ୟର ପ୍ରକୃତରେ ପାଉନାହାଁନ୍ତି । ବଡ଼ ବଡ଼ ମନ୍ଦିର ଦକ୍ଷିଣ ରାଜ୍ୟରେ ବହୁ ଆୟ କରୁଛନ୍ତି ସେମାନେ କିଛି ସେବା ମୁଫତ କରୁଛନ୍ତି । ତୋଳଟରେ କମ ପଇସାରେ ଯାତ୍ରୀଗଣ ଦର୍ଶନ ପାଇଁ ଆସି ବିଶ୍ରାମ ନେଉଛନ୍ତି । ଘାଟ କଉଡି, ନଦୀଘାଟ, ଶ୍ମଶାନ ଘାଟରେ ଆଦାୟ କରାଯାଏ । ହରିଶ୍ଚନ୍ଦ୍ର ଏମିତି ଶ୍ମଶାନ ଘାଟର ଜଗୁଆଳୀ ଦିନେ ହୋଇଥିଲେ ସେ ତାଙ୍କ ସ୍ତ୍ରୀଙ୍କୁ ଅନ୍ଧାର ମେଘ ରାତ୍ରୀରେ ଚିହ୍ନି ପାରି ଖୋଦ ତାଙ୍କ ପୁଅର ଅକାଳ ବିୟୋଗ ଶବକୁ ସତ୍କାର ପାଇଁ ଘାଟ କଉଡି ନଦେଲେ ସତ୍କାର କରାଇ ଦେବେ ନାହିଁ ଏପରି କଠୋର ବାକ କହିଥିଲେ । ତାଙ୍କ ସ୍ତ୍ରୀ ଥିଲେ ବ୍ରାହ୍ମଣ ଘର ଭାଡ଼ିଆ ଚାକରାଣୀ, ପଇସା ତାଙ୍କ ପାଖରେ କାହିଁ ଆସିବ ? ସେ କେତେ କାକୁତି ମିନତି ହେଲେ ବି ହରିଶ୍ଚନ୍ଦ୍ର ନାଚାର ଥିଲେ ଶେଷରେ ୧ ବସ୍ତ୍ରରେ ଥିବା ତାଙ୍କର ସ୍ତ୍ରୀଙ୍କର ବସ୍ତ୍ରରୁ ୧ ତୃତୀୟାଂଶ ଲମ୍ବରେ ଚର ଦେବାକୁ ବାଧ୍ୟ କରିଥିଲେ । ପୂର୍ବେ ନଦୀ ଗୁଡ଼ିକ ସୀମା ନିର୍ଦ୍ଧାରଣର ଉତ୍ସ ଥିଲା । ଏ ପାଖ ସେ ପାଖ ବ୍ୟକ୍ତି ଓ ତାଙ୍କର ପଣ୍ୟ ଦ୍ରବ୍ୟ ବା ଅର୍ଜନ ଧନ ଉପରେ ଘାଟ ନିଲାମ ଧରିବା ଲୋକ ଘାଟ କଉଡି ଆଦାୟ କରୁଥିଲେ । କୀଳାପୋତେଇ ଶବ୍ଦଟି ବଡ଼ ବଡ଼ ଡଙ୍ଗା ଯାହା ରାତ୍ରୀରେ କେଉଁଠି ନଦୀ କଡ଼ରେ ବାନ୍ଧିବାକୁ ଲଗାଇଲେ ସେ ଘାଟର ଲୋକେ ଏଇ କୀଳା ପୋତେଇ ଆଦାୟ କରୁଥିଲେ ଯାହା ଏକ ଜୁଲମ ଥିଲା । ଯେକୌଣସି ପ୍ରଶାସନିକ ଅଧିକାରୀ ଯେଉଁ ରାଜକର ଆଦାୟ କରନ୍ତି ତାହା ତାଙ୍କର ଓ ତାଙ୍କର କର୍ମଚାରୀଙ୍କ ଖର୍ଚ୍ଚା ବାଦ ଯାହା ଉଦବୃତ୍ତ ଧନ ତାକୁ ପ୍ରଜାଙ୍କର ଉନ୍ନତି କଳ୍ପେ ଖର୍ଚ୍ଚରେ ଲଗାନ୍ତି । ଏମିତି କିଛି କାର୍ଯ୍ୟ ଦେଖାଯାଏ ଲୋକେ ତାଙ୍କ ଦେୟ ରାଜକର ବାଦ ଶାରୀରିକ ମିହନ୍ତ ଓ ତାଙ୍କର ଗଚ୍ଛିତ ଧନରୁ କିଛି ଅଂଶ ଦେଲେ ତାଙ୍କରି ଉନ୍ନତି କଳ୍ପେ ଏକ ବଡ଼କାମଟିଏ ହୋଇଯାଇପାରେ । ଏ ପାଇଁ ଲୋକ ସଂଗଠନ ପ୍ରଥମେ ପ୍ରାୟ ନଥାଏ । ଅଧିକାରୀ ନିଜ ଆଡୁ ସଭା ସମିତି କରି କାମଟିର ରୂପ ରେଖ ଦର୍ଶାନ୍ତି ପରେ ଲୋକେ ଶ୍ରମ ଓ କିଛି ଧନ ଯାହାର ରାଜକର ନୁହଁ ସ୍ୱଇଛାରେ ଦେଇ କାର୍ଯ୍ୟଟିକ ସରକାରୀ ଧନ ସହିତ ମିଶାଇ ପୂର୍ଣ୍ଣାଙ୍ଗ କରନ୍ତି । ଏହେଲା ରାଜର୍ଷି ପ୍ରଶାସନର କାମ । କୂଅ ଖୋଳା, ପୋଖରୀ ଖୋଳା, ରାସ୍ତା ନିର୍ମାଣ କୌଣସି କମ୍ୟୁନିଟ ସେଣ୍ଟର, ମନ୍ଦିର, ମସଜିଦ, ଗୀର୍ଜା ଆଦି ଏ ପ୍ରକାର ପୂର୍ବେ ନିର୍ମାଣ ହୋଇଥିଲା । ବେଠି ଏକ ଚାପ ପ୍ରୟୋଗ ରାଜ ଆଦେଶ । ବେଠି ଖଟିବା ଲୋକଙ୍କର ବ୍ୟକ୍ତିଗତ ସ୍ୱାଧୀନତା ନଥାଏ । ବେଠି ନଖଟିଲେ ଲାଠି ମାଡ଼ ଖାଇବାକୁ ହୁଏ । ଢେଙ୍କାନାଳର ଯତନ ନଗର ଥିଲା ବେଠିରେ ପ୍ରସ୍ତୁତ କୋଠା । ଯେତେ ମନ୍ଦିର କରାଯାଇଛି ସେଥିରେ ଲୋକବଳ ପାଇଁ କାମ ପୂର୍ଣ୍ଣାଙ୍ଗ ପାଇଁ ବେଠି ଅବଶ୍ୟ ଲଗାଯାଇଛି । କୋମଳ ମାୟାବୀ କଥା କହି ଏହି ପ୍ରକାର ବେଠି କାର୍ଯ୍ୟରେ କାର୍ଯ୍ୟ ହାସଲ କି ହୁଏ । ଏହି କୋମଳ ମାୟାବୀ କଥାର ଯଥାର୍ଥ ଅନୁଭବ ଆକ୍ରାନ୍ତ ଲୋକ ବୁଝନ୍ତି ମାତ୍ର କାର୍ଯ୍ୟ ଶେଷରେ ନିରାଶ୍ରୟ ମନେ କରନ୍ତି । ଅନେକ ଅଳ୍ପ ସମୟରେ ଧନ ଏକଠା କରି ଧନୀ ହୋଇଯାଆନ୍ତି ଧନ ସଞ୍ଚୟ ନିଶା ଧରିଲେ ବ୍ୟକ୍ତିଗତ ଖର୍ଚ୍ଚ ବି ସଂକୁଚିତ ହୋଇ ହୋଇଚାଲେ । ମାତ୍ର ବିଶ୍ରାମ ସଠିକ ଖାଦ୍ୟପେୟ ନରହିଲେ ଶରୀର ରୋଗଗ୍ରସ୍ତ ଓ ଅପମୃତ୍ୟୁ ସମ୍ଭବ ହୋଇପାରେ । ଏଣୁ ସଞ୍ଚୟ ମନା ନୁହଁ ତେବେ ଶରୀରକୁ ଆଗ ଦେଖିବା ଦରକାର । ବହୁ ପଇସା ଏକତ୍ର ହେଲେ ଲୋଭ ଗ୍ରାସ କରେ । ଏଥିରୁ ଧର୍ମ ଦିଗ ଖୋଜିଲେ ବ୍ୟକ୍ତିର ପ୍ରଶଂସା ବଢ଼େ । ଧନ ଠାରୁ ନିଶ୍ଚେ ଧର୍ମ ବଡ଼ ଓ ସଞ୍ଚୟ ସହିତ ଦାନ କଲେ ପ୍ରବଳ ଆତ୍ମତୃପ୍ତି ମିଳେ । ପ୍ରତି ପରିବାରରେ ଦାନ ଧାରା ଅଛି ଗୃହର ପରଗୋତ୍ରୀ ହୋଇଥିବା ଝିଅମାନେ ଦାନର ୧ମ ପାତ୍ରୀ, ତାଙ୍କୁ ତାଙ୍କର ଦରକାର ବେଳେ ସହାୟ କରାଯାଏ । ବାପାଙ୍କ ଭଉଣୀ ପିଉସୀ ମାଆଙ୍କ ଭଉଣୀ ମାଉସୀ ନିଜ ଭଉଣୀ ନିଜ ଝିଅ ଏମାନେ କିଛି କିଛି ବ୍ୟବଧାନରେ କିଛି ଧନ ଦାନରେ ନେଇଥାନ୍ତି । ଗ୍ରାମର ପଂକ୍ତି ଭୋଜନ, ଦିଅଁଙ୍କ କାମ ପାଇଁ ମୁକ୍ତହସ୍ତରେ ଦାନ ଦିଆଯାଏ । ଗୁରୁ ବ୍ରାହ୍ମଣ ଏମାନେ ଦାନର ଅଧିକାରୀ । ଯେ ସମର୍ଥ ସେ ଉତ୍ତମଭାବରେ ଦାନ କରନ୍ତୁ ଯିଏ କମ ସମର୍ଥ ସେ ମଧ୍ୟମ ଅଧମ ପରି ଦାନ କରନ୍ତୁ ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ମାଟିର ମହାକବି ସଚ୍ଚିଦାନନ୍ଦ ରାଉତରାୟ



ଗୋପୀନାଥ ଦାଶ

ମାଟିର ଦ୍ରୋଣ, କବିଗୁରୁ, ମାଟିର ମହାକବି, ସମୟର ସଭାକବି ଆଦି ନାଁରେ ସେ ବେଶ୍ ପରିଚିତ । ପ୍ରାୟ ୭୫ବର୍ଷର ସାହିତ୍ୟ ସାଧନା ମଧ୍ୟରେ ସାମ୍ରାଜ୍ୟବାଦ, ଫାସିବାଦ ଓ ବିଶ୍ୱଯୁଦ୍ଧ ବିରୋଧରେ ସେ ଲେଖନୀ ଚଳାଇଛନ୍ତି । ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ଯାଏ ସଚ୍ଚିଦାନନ୍ଦ ରାଉତରାୟଙ୍କୁ । ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ୪୦ରୁ ଅଧିକ ପୁସ୍ତକ ରଚନା କରିଛନ୍ତି । ସାହିତ୍ୟ ରଚନା ପାଇଁ ୧୯୮୬ରେ ସେ ଜ୍ଞାନପୀଠ ପୁରସ୍କାର ପାଇଥିଲେ । ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗ ଠାରେ ୧୯୧୬ ମସିହା ମେ ୧୩ରେ ଜନ୍ମଗ୍ରହଣ କରିଥିଲେ ରାଉତରାୟ । ଚାଟଶାଳୀରେ ପଢ଼ିବାବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ୧୧ ବର୍ଷ ବୟସରୁ ସେ କବିତା ଲେଖା ଆରମ୍ଭ କରିଥିଲେ । ତାଙ୍କର କିଛି ଦେଶାତ୍ମକବୋଧ କବିତା ବ୍ରିଟିଶରଙ୍କ ଦ୍ୱାରା ନିଷିଦ୍ଧ ଘୋଷଣା କରାଯାଇଥିଲା । ତାଙ୍କ ରଚିତ କାବ୍ୟ ବାଜି ରାଉତ ଦେଶ ବିଦେଶରେ ସୁପରିଚିତ । ଏହାକୁ କବି ହରିନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ ଅନୁବାଦ କରିଥିଲେ । ତାଙ୍କ ରଚିତ ଛୋଟ ମୋର ଗାଁଟି ଏବେ ବି ଓଡ଼ିଶାର ଅଧିକାଂଶ ବିଦ୍ୟାଳୟର ପାଠ୍ୟ ବିଷୟବସ୍ତୁ ହୋଇ ରହିଛି । ଦେଶବାସୀଙ୍କୁ ସେ ଭେଟି ଦେଇଥିବା ଖଣ୍ଡକାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା, ଆଲୋଚନା ଏବଂ ଆତ୍ମଚରିତ ଆଦି ଆଜି ବି ସତେଜ । ସାହିତ୍ୟ ରଚନା ପାଇଁ ଏକାଧିକ ପୁରସ୍କାର ଓ ସମ୍ମାନ ସେ ହାସଲ କରିଛନ୍ତି । ତନ୍ମଧ୍ୟରୁ ପଦ୍ମଶ୍ରୀ (୧୯୬୨), ସାହିତ୍ୟ ଏକାଡ଼େମୀ ପୁରସ୍କାର (୧୯୬୩), ସୋଭିଏତ୍ ଲ୍ୟାଣ୍ଡ ନେହରୁ ସମ୍ମାନ (୧୯୬୫), ମହାକବି ସମ୍ମାନ ଆଦି ଅନ୍ୟତମ । ୨୦୦୪ ମସିହା ଅଗଷ୍ଟ ମାସ ୨୧ରେ କଟକ ଠାରେ ତାଙ୍କର ପରଲୋକ ହୋଇଥିଲା ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,
ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭

# ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦେ କରେ ଭାବ



ଅଲେଖ ଚନ୍ଦ୍ର ସାମଲ

ଜନ୍ମ ମୃତ୍ୟୁର ନିଗୁଢ଼ ବ୍ୟୁହଭେଦ ମାନବର ସୀମିତ ମନବୃଦ୍ଧିର ଅଗୋଚର । ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ ବାସ୍ତବରେ ଯିବାଟା ହିଁ ସତ୍ୟ ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ । ମାତ୍ର ଯେଉଁମାନେ ପରମପୁରୁଷ ଭଗବତ୍ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିକୁ ପଦଚିହ୍ନ ଛାଡ଼ି ଯାଆନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ । ଗୀତାରେ ଭଗବାନ କହିଛନ୍ତି 'ଯିଏ କାହାକୁ ପୀଡ଼ା ନଦିଏ ତାକୁ କେହି ପୀଡ଼ା ଦିଏ ନାହିଁ । ଯିଏ ହସ ଓ ବିଷାଦ ଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ, ସେ ମୋର ପ୍ରିୟ ଅଟେ ।' 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ' – ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ । ଏ ସଂସାରରେ କେତେ ବର୍ଷ ଜୀବନ ଧାରଣା କରାଗଲା ତାହା କେବେହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ । ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମ ତତ୍ପର ଜୀବନଯାପନ ଓ ସାଧୁ ଆଧ୍ୟାତ୍ମିକ ତଥା ମାନବୀୟ ମୂଲ୍ୟବୋଧ ଜୀବନ ଯାପନ ପ୍ରକୃତ ମାନବିକତାର ପରିଚୟ । ପ୍ରକୃତ ମାନବ ସେବା ପାଇଁ ଲୋକବଳ, ଆର୍ଥିକ ସ୍ୱଚ୍ଛଳତା, ସରକାରୀ ସାହାଯ୍ୟ ଆବଶ୍ୟକ ନାହିଁ । କେବଳ ନିରହଂଭାବ, ଭଗବତ ପ୍ରେମ, ସେବା ମନୋବୃତ୍ତି, ପ୍ରେମ - ପ୍ରଶାନ୍ତ, କ୍ଷମା ଓ ତ୍ୟାଗଭାବ ଉପରେ ଆଧାରିତ ବଳିଷ୍ଠ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ । ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ଶକ୍ତି, ସମୟ, ଜ୍ଞାନ, ସମ୍ପତ୍ତିର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ଦୁର୍ଯ୍ୟୋଧନ ପିଉସାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି । ଯାହା ସମଗ୍ର ମାନବ ଜାତିକୁ ସବୁ ସମୟରେ ପ୍ରେରଣା ଯୋଗାଇବ ।

ତାଙ୍କ ଜୀବନର ପଦପାତ ହୋଇଥିଲା ତତ୍କାଳୀନ କଟକ ଜିଲ୍ଲା ମାହାଙ୍ଗା ସନ୍ନିକଟ ହଳଧରପୁରରେ ୧୯୪୦ ମସିହା ନଭେମ୍ବର ୨୧ ତାରିଖରେ । ଜଣେ ମେଧାବୀ ଓ ପ୍ରବୀଣ ଛାତ୍ର ଭାବେ ସେ ସମୟର ପ୍ରଖ୍ୟାତ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଅର୍ଥଶାସ୍ତ୍ରରେ ସ୍ନାତକ ଶିକ୍ଷା ସମାପନ କରିଥିଲେ । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଅନୁସଚିବ ଭାବେ ଅବସର ନେବା ପରେ ତାଙ୍କ କର୍ମମୟ ଜୀବନ ପୂର୍ବବତ୍ ତତ୍ପର ଥିଲା । ଜଣେ ପରୋପକାରୀ, ବନ୍ଧୁବତ୍ସଳ ଓ ଅମାୟିକ ସ୍ୱଭାବର ତାଙ୍କ ବ୍ୟକ୍ତିତ୍ୱ । ମେଧାବୀ ଛାତ୍ର ଜୀବନ ଠାରୁ ତାଙ୍କ ଜୀବନର ପ୍ରତିଟି କ୍ଷେତ୍ରକୁ ସେ ପୁଷ୍ପିତ ଓ ସୁଶୋଭିତ କରିଛନ୍ତି । ଜଣେ ଭଲ ପୁତ୍ର, ଭଲ ସ୍ୱାମୀ, ଭଲ ପିତା, ଭଲ କର୍ତ୍ତବ୍ୟନିଷ୍ଠ କର୍ମଚାରୀ, ଭଲ ବନ୍ଧୁ ସବୁକିଛିରେ ସେ ପରିପୂର୍ଣ୍ଣ ଥିଲେ । ଆରାଧ୍ୟ ଦେବତା ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସେ ଶରଣାପନ୍ନ ଥିଲେ । ବୃତ୍ତିଗତ କର୍ମଜୀବନ ପୂର୍ବରୁ ଛାତ୍ର ଜୀବନ ସମୟରୁ ମଧ୍ୟ ଯେଉଁମାନେ ତାଙ୍କୁ ପାଖରୁ ଦେଖିଛନ୍ତି ସେମାନେ ଅନୁଭବ କରିଛନ୍ତି ଅର୍ଥଶାସ୍ତ୍ରର ମୌଳିକ ତତ୍ତ୍ୱକୁ ସେ ତାଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ କାମନାର ସୀମାଙ୍କନ ବାଣୀକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ପିଉସାଙ୍କ ଘରେ ରହି ପାଠପଢ଼ିବା ସମୟ ଠାରୁ ମୋ କର୍ମମୟ ଜୀବନ ଏପରିକି ଅବସର ଜୀବନ ପରେ ମଧ୍ୟ ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ପାଉଥିଲି । ଉତ୍କଳ ବିଶ୍ୱବିଦ୍ୟାଳୟରେ ସୋସିଆଲ ସାଇନ୍ସରେ ସ୍ନାତକୋତ୍ତର କରିବା ସହ ଉଚ୍ଚତର ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ତାଙ୍କର ଗୋଟି ଗୋଟି ପରାମର୍ଶ ମୋ ପାଇଁ ଚିର ସ୍ମରଣୀୟ ହୋଇ ରହିଛି । ୧୯୮୬ ମଇ ମାସ ୧୨ ତାରିଖ ଅକ୍ଷୟ ତୃତୀୟା ଦିନ ମୁଁ ଭଞ୍ଜନଗରରେ ମୋ କର୍ମମୟ ଜୀବନ ଆରମ୍ଭ କରିବା ପୂର୍ବରୁ ପିଉସାଙ୍କ ଠାରୁ ଯେଉଁ ମୂଲ୍ୟବାନ ଓ ସମୟୋପଯୋଗୀ ପରାମର୍ଶ ଗ୍ରହଣ କରିଥିଲି ତାହା ମୋ ବ୍ୟକ୍ତିଗତ ଜୀବନ ପାଇଁ ଶ୍ରୀମଦ୍ ଗୀତା ଭାଗବତର ବାଣୀ ଠାରୁ କମ ମୂଲ୍ୟବାନ ନଥିଲା । ତାଙ୍କର ପୁତ୍ର ଦିଗବିଜୟ ଭୁବନେଶ୍ୱରସ୍ଥିତ ଓୟୁଏଟିର ଜଣେ ସୁନାମଧନ୍ୟ ବୈଜ୍ଞାନିକ ଓ ପ୍ରଫେସର ଝିଅ ସୁଚିତ୍ରା ରାଜନୀତିର ବିଜ୍ଞାନର ସ୍ନାତକୋତ୍ତର । ତାଙ୍କ ଚଳିତ ମଇ ୭ ତାରିଖରେ ମହାପ୍ରୟାଣ ଘଟିଛି । ଆମ ଠାରୁ ତାଙ୍କ ପାର୍ଥିବ ଶରୀର ଅନ୍ତର୍ନିହିତ ହୋଇଯାଇଛି ସତ ହେଲେ ସେ ଆମ ଅନ୍ତର ଭିତରେ ଆମ ପାଖରେ ହିଁ ସବୁଦିନ ସୂକ୍ଷ୍ମତତ୍ତ୍ୱରେ ଆମକୁ ଠିକ ପୂର୍ବପରି ପରାମର୍ଶ ଦେଇ ଚାଲିବେ । ଭଗବାନ ଶ୍ରୀ ସତ୍ୟସାଇ ବାବା ଏକ ସାକ୍ଷାତକାରରେ କହିଛନ୍ତି - 'ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ । ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ ।' ଜୀବ ଆସିଥାଏ ବ୍ୟକ୍ତି ସୃଷ୍ଟି ପାଇଁ । ପ୍ରକୃତିର ଏହି ସ୍ୱତଃ ସିଦ୍ଧ ଶାଶ୍ୱତ ତଥା ଅନତିକ୍ରମଣୀୟ ନିୟମକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ । ଦୁର୍ଯ୍ୟୋଧନ (ପିଉସା)ଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ସ୍ମୃତିପଟ୍ଟରୁ ସେ କେବେହେଲେ ତିରୋହିତ ହୋଇପାରିବେ ନାହିଁ । ଏହି ଭକ୍ତିସିକ୍ତ ଦିବ୍ୟାତ୍ମାଙ୍କ ପ୍ରତି ଆମ ଅନ୍ତରର ପ୍ରଦେଶର ଭକ୍ତି ଅର୍ଘ୍ୟ ଅର୍ପଣ କରୁଛି । ପରମାଶ୍ରୟ ଭାଗବତର ଏକ ଅମୂଲ୍ୟ ପଙ୍କ୍ତିରେ ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ଉଲ୍ଲେଖ କରୁଛି ସେହି ଭାଗବତର ବାଣୀଟିକୁ - 'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦେ କରେ ଭାବ' ।

ପୂର୍ବତନ ଡିଏଫଓ, ପଲାଇ,
ବାଳିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୬୧୨୩

# ଆତଙ୍କବାଦ କବଳରେ ସମଗ୍ର ବିଶ୍ୱ



ଉମାଶଙ୍କର ପ୍ରସାଦ

ଆଜିର ସମଗ୍ର ବିଶ୍ୱ ତଥା ମାନବ ସମାଜ ଆତଙ୍କବାଦର ଚତୁଃପାର୍ଶ୍ୱ ମଧ୍ୟରେ କବଳିତ । ଆମ ବିଶ୍ୱ ତଥା ସମାଜରେ ଆଜି ଏପରି ମଣିଷମାନେ ରହିଛନ୍ତି ଯେଉଁମାନେ ନିଜର ପ୍ରତିପତି, ଆତ୍ମବଡ଼ିମା ଏବଂ ସ୍ୱାର୍ଥସିଦ୍ଧି ପାଇଁ ଅନ୍ୟ ମଣିଷ ମାନଙ୍କୁ ଆଘାତ ଦେବାକୁ ଭୂଲନ୍ତି ନାହିଁ । ଏମାନଙ୍କୁ ସେଥିରେ ଆନନ୍ଦ ପ୍ରାପ୍ତି ହୋଇଥାଏ । ମଣିଷ ମନରେ ଏପରି ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଆତଙ୍କବାଦୀ ଓ ବ୍ୟକ୍ତିଗତ ସ୍ୱାର୍ଥକୁ ସାମୂହିକ ସ୍ୱାର୍ଥ ରୂପେ ଚିତ୍ରଣ କରି କୌଣସି ରାଜନୈତିକ ବା ଧାର୍ମିକ ସାଧନ ନିମନ୍ତେ ସଂଘଠିତ ଭାବରେ ସୃଷ୍ଟି କରାଯାଉଥିବା ହିଂସାକାଣ୍ଡ ହେଉଛି ଆତଙ୍କବାଦ । ଏହି ଆତଙ୍କବାଦର ଶିକାର ହୁଅନ୍ତି ନିରୀହ ସାଧାରଣ ଜନତା, ସରକାରୀ କର୍ମଚାରୀ, ପୋଲିସ ଓ ସେନା କର୍ମଚାରୀ ଇତ୍ୟାଦି । ଜନାକୀର୍ଣ୍ଣ ସ୍ଥାନ, ବଜାର, ବସଷ୍ଟାଣ୍ଡ, ରେଳ ଷ୍ଟେସନ, ସରକାରୀ କାର୍ଯ୍ୟାଳୟ ଇତ୍ୟାଦି ସ୍ଥାନରେ ବୋମା ବିସ୍ଫୋରଣ ଘଟାଇ କୋଟି କୋଟି ଟଙ୍କାର ସରକାରୀ, ବେସରକାରୀ ସମ୍ପତ୍ତି ଲୁଟ କରିବା ହେଉଛି ଏମାନଙ୍କର କାର୍ଯ୍ୟ । ଅତୀତର ରାଜନୈତିକ ଘଟଣାବଳୀକୁ କେନ୍ଦ୍ରକରି ଆତଙ୍କବାଦୀ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି । ଆତଙ୍କବାଦୀ ଗୋଷ୍ଠୀଙ୍କ ପଛରେ କେତେକ ରାଜନୈତିକ ଦଳମାନଙ୍କର ହାତଥିବାର ମଧ୍ୟ ଜଣାପଡିଛି । ବିଶ୍ୱରେ ମୁସଲମାନ ଆତଙ୍କବାଦୀ ଗୋଷ୍ଠୀ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାରେ ଆଗୁଆ ଅଟନ୍ତି । ଯଦି କୌଣସି ଅଞ୍ଚଳର ବେସରକାରୀ ସଂଗଠନ ହିଂସାରେ ଆଶ୍ରୟ ନିଅନ୍ତି ତାକୁ ଆତଙ୍କବାଦ କୁହାଯାଏ । ସେମାନେ ଯଦି ଧର୍ମନାମରେ ଏହି କାର୍ଯ୍ୟ କରନ୍ତି, ସେମାନଙ୍କୁ ମୌଳବାଦୀ କୁହାଯାଏ । ଯଦି ଖୋଦ୍ ସରକାର ଏହି କାର୍ଯ୍ୟ କରନ୍ତି ତଥା ଏଥିରେ ସମ୍ପୃକ୍ତ ରହନ୍ତି ତେବେ ସେ ସରକାରକୁ ଅତ୍ୟାଚାରୀ ଓ ମାନବିକ ଅଧିକାର ଉଲଂଘନକାରୀ ବୋଲି କୁହା ଯାଇଥାଏ । ଏହିକଥା ମିଳିତ ଜାତିସଂଘର ପ୍ରସ୍ତାବ ରେ ଲିପିବଦ୍ଧ ରହିଚି । କେତେକ ସଙ୍କୀର୍ଣ୍ଣମନା ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ନିଜକୁ ଶ୍ରେଷ୍ଠତ୍ୱର ଆସନରେ ମଣ୍ଡିତ କରିବା ପାଇଁ ଏହି କୁତ୍ସିତ ମାର୍ଗକୁ ଗ୍ରହଣ କରି ନେଇଛନ୍ତି । ଆଜି ସମଗ୍ର ବିଶ୍ୱର ମାନବ ସମାଜ ଆତଙ୍କବାଦୀ ଙ୍କ ଆତଙ୍କରେ ଥରହର । ପ୍ରତ୍ୟେକ ରାଷ୍ଟ୍ରରେ ରହିଛି ଆତଙ୍କବାଦୀ ମାନଙ୍କର ସ୍ୱତନ୍ତ୍ର ସଂଗଠନ । ଏଥି ମଧ୍ୟରୁ ସାଉଦି ଆରବର କୋଟିପତି ଇଂଜିନିୟର ଓସମା-ବିନ୍-ଲାଡେନ୍‌ଙ୍କ ଦ୍ୱାରା ୧୯୮୦ ମସିହାରେ ସ୍ଥାପିତ 'ଅଲ-କାଏଦା'ସଂଗଠନ ସମଗ୍ର ବିଶ୍ୱର ୩୪ ଟି ସଂଗଠନକୁ ପରିଚାଳିତ କରିବାସହ ବିଭିନ୍ନ ରାଷ୍ଟ୍ରରେ ନିଜର ଶାଖା ଖୋଲି ଆତଙ୍କ ସୃଷ୍ଟି କରିବାରେ ସଫଳ ହୋଇ ପାରିଥିଲା । ନ୍ୟୁୟର୍କର ବିଶ୍ୱବାଣିଜ୍ୟ ସଂଗଠନ, ଇଣ୍ଡୋନେସିଆର ସିରିଜ ବୋମା ବିସ୍ଫୋରଣ, ମାଲେସିଆ ହୋଟେଲରେ ବୋମା ବିସ୍ଫୋରଣ ଘଟାଇ ଅସଂଖ୍ୟ ଧନଜୀବନ ନଷ୍ଟ କରିବା ସହ ଭୟଙ୍କର ଆତଙ୍କବାଦୀ ଗୋଷ୍ଠୀ ଭାବେ ଆଲୋଡନ ସୃଷ୍ଟି କରିଥିଲା । ଏହାକୁ ବାଦ ଦେଲେ ଆହୁରି ଅନେକ ଆତଙ୍କବାଦୀ ସଂଗଠନ ଯଥା ପାଲେଷ୍ଟାଇନର " 'ଅବୁ ନଇଦାଲ ସଂଗଠନ'(୧୯୭୪), 'ପାଲେହ୍‌ଟାଇନଡ ଇସଲାମିକ ଜେହାଦ', 'ପାଲେଷ୍ଟାଇନ ଲିବରେସନ ଫ୍ରଞ୍ଚ', 'ହମାସ' (୧୯୮୭), ଲେବାନନର 'ହିଜ୍‌ବୁଲା', ଫିଲିପାଇନ୍‌ସର 'ଅବୁ ସାୟଫ ଗ୍ରୁପ' ଆଲଜେରିଆର 'ସଲାଫି ଗ୍ରୁପ ଫର୍ କଲ୍ ଆଣ୍ଡ କମ୍ବାଟ', ସ୍ପେନର 'ବାସିକ୍ ଫାଦରଲାଣ୍ଡ ଏଣ୍ଡ ଲିବର୍ଟି', ଇଜପ୍ଟର 'ଅଲଗାମୀ ଅଲ୍ ଇସଲାମିଆ', 'ଅଲ-ଜିହାଦ', ଆୟାରଲାଣ୍ଡର 'ଆଇରସ ରିପବ୍ଲିକାନ ଆର୍ମି'(୧୯୬୯), ଉଜବେକିସ୍ତାନର 'ଇସଲାମିକ ମୁଭମେଣ୍ଟ ଅଫ୍ ଉଜଗ ବେକିସ୍ତାନ', 'ଶ୍ରୀଲଙ୍କାର 'ଲିବରେସନ୍ ଟାଇଗରସ୍ ଅଫ୍ ତାମିଲ ଇଲମ୍' ପାକିସ୍ତାନର 'ହରକଥ୍-ଉଲ-ମୁଜାହିଦ୍ଦିନ'ଇତ୍ୟାଦି ଆତଙ୍କବାଦୀ, ନକସଲପନ୍ଥୀ, ମାଓବାଦୀ, ବୋଡୋ ଏବଂ କାଶ୍ମୀର ଓ ଦକ୍ଷିଣପୂର୍ବ ରାଜ୍ୟରେ ଏହି ଗୋଷ୍ଠୀମାନେ ସକ୍ରିୟ ହୋଇ ଧର୍ମର ସୁରକ୍ଷା ଆଳରେ ବ୍ୟାପକ ନରସଂହାର ଘଟାଇବାକୁ ଟିକେହେଲେ ସଙ୍କୋଚ କରିନଥାନ୍ତି ।" ବିଚାରକୁ ନେଲେ ମଣିଷ ହୋଇ ସୁଦ୍ଧା ମଣିଷ ରକ୍ତରେ ହୋଲି ଖେଳିବାକୁ ସେମାନଙ୍କର ଏକ ଅଭ୍ୟାସ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମଗ୍ର ବିଶ୍ୱରେ ନିଜର ଆଧିପତ୍ୟ ବିସ୍ତାର ପାଇଁ ଦୁଇ ମହାଶକ୍ତି 'ସୋଭିଏତ୍ ରୁଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକା' ମଧ୍ୟରେ ଯେଉଁ ଶୀତଳ ଯୁଦ୍ଧର ଅୟାରମ୍ଭ ହୋଇଥିଲା, ତାହାହିଁ ଆଧୁନିକ କାଳରେ ଆତଙ୍କବାଦୀ ଗୋଷ୍ଠୀ କୁ ଜନ୍ମ ଦେଇଥିଲା । ଏପରିକି ଆଫଗାନିସ୍ତାନ ଉପରେ ଆଧିପତ୍ୟ ବିସ୍ତାର କରିବା, ସୋଭିଏତ୍ ରୁଷ୍‌ର ପ୍ରଭାବକୁ କ୍ଷୁର୍ଣ୍ଣ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ୧୯୭୯ ମସିହା ଜୁନ୍ ମାସରେ ଆପଗାନିସ୍ତାନର 'ମୁଜାହିଦ୍ଦିନ' ଗୋଷ୍ଠୀକୁ ପ୍ରୋତ୍ସାହନ ଦେଇ ଆତଙ୍କବାଦର ଯେଉଁ ମଞ୍ଜି ବୁଣିଥିଲା , ତାହା କ୍ରମେ ମହା ଦ୍ରୁମରେ ପରିଣତ ହୋଇ ନିଜର କାୟା ବିସ୍ତାର କରି ୧୯୯୦ ମସିହା ବେଳକୁ ସେହି 'ମୁଜାହିଦ୍ଦିନ' ଗୋଷ୍ଠୀର ଜଣେ ସଦସ୍ୟ ଓସାମା ବିନ୍ ଲାଡେନ ରୁଷ ଆମେରିକା ବିରୋଧୀରେ ପରିଣତ ହେଲେ ଏବଂ ୨୦୦୧ ମସିହା ସେପ୍ଟେମ୍ବର ୧୧ ତାରିଖ ଦିନ ଆମେରିକାର ଯାତ୍ରୀପୂର୍ଣ୍ଣ ଉଡଉଜାହାଜ ମାଧ୍ୟମରେ ବିଶ୍ୱବାଣିଜ୍ୟ କେନ୍ଦ୍ର, ତଥା ଆମେରିକାର ସାମରିକ ଶକ୍ତି କେନ୍ଦ୍ର ପେଣ୍ଟାଗନ ଉପରେ ଆକ୍ରମଣ କରି ପ୍ରାୟ ପାଂଚହଜାର ନିରୀହ ବ୍ୟକ୍ତିଙ୍କୁ ହତ୍ୟାକରିବା ଫଳରେ ସମଗ୍ର ବିଶ୍ୱ ଆତଙ୍କରେ ଥରି ଉଠିଥିଲା । ନିଜ ସ୍ୱାର୍ଥ ସାଧନ ପାଇଁ ଆତଙ୍କବାଦ ସୃଷ୍ଟି କରୁଥିବା ଧନୀ ରାଷ୍ଟ୍ର ଆମେରିକା ନିଜେ ଆତଙ୍କବାଦୀ ଦ୍ୱାରା ଶିକାର ହେବା ପରେ ବର୍ତ୍ତମାନ ସମଗ୍ର ବିଶ୍ୱରୁ ଆତଙ୍କବାଦୀ ଲୋପକରିବା ପାଇଁ ଆଗ୍ରହୀ ହୋଇଉଠିଛି । ତଥାପି ପୂର୍ଣ୍ଣଭାବରେ ଆତଙ୍କବାଦ ଲୋପ କରିବାରେ ଆନ୍ତରିକତା ଅଭାବରୁ ବର୍ତ୍ତମାନ ଆତଙ୍କବାଦର କ୍ରିଡାଭୂମି ପାକିସ୍ତାନ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରି ପରୋକ୍ଷରେ ଆତଙ୍କବାଦ ତଥା ଆତଙ୍କବାଦୀକୁ ପ୍ରୋତ୍ସାହିତ କରୁନିକି ? ଏହା ଫଳରେ ପାକିସ୍ତାନର ପଡୋଶୀ ରାଜ୍ୟ ଭାରତରେ କାଶ୍ମୀର ସମାସ୍ୟା, ଚୀନ୍ ର ପଶ୍ଚିମାଂଚଳରେ ମୁସଲିମ ଉଗ୍ରବାଦୀ ତଥା ରୁଷରେ ଚେଚେନ୍ୟା ବିଦ୍ରୋହୀଙ୍କ ଦ୍ୱାରା ଅସ୍ଥିରତା ଲାଗିରହିଛି । ପୃଥିବୀର ସର୍ବ ପୁରାତନ ଆତଙ୍କବାଦୀ ତଥା ମାନବିକ ଅଧିକାରର ହତ୍ୟାକାରୀ ଅଂଚଳ ହେଲା ୟୁରୋପ, ପରେ ଆମେରିକା ହୋଇଛି ବର୍ତ୍ତମାନର ସ୍ରଷ୍ଟା ଓ ପୃଷ୍ଟପୋଷକ । ବିଶ୍ୱରୁ ଆତଙ୍କବାଦ ଲୋପ କରିବାକୁ ହେଲେ ସର୍ବ ପ୍ରଥମେ ରାଷ୍ଟ୍ରନାୟକ ଗଣ ନିଜର ଦାୟିତ୍ୱବୋଧତା, କର୍ତ୍ତବ୍ୟପରାୟଣ ତଥା ନିଜ କାର୍ଯ୍ୟପ୍ରତି ସଚେତନ ହୋଇ ମନମଧ୍ୟରୁ ଈର୍ଷା, ଦ୍ୱେଷ, ଘୃଣା, ସାମ୍ପ୍ରଦାୟିକତା, ଧର୍ମାନ୍ଧତା, ତଥା ଅହଂ ଭାବକୁ ଦୁରକରି ମାନବକଲ୍ୟାଣରେ ନିଜର ଚିନ୍ତା ଚେତନାକୁ ବିନିଯୋଗ କରିବା ସହିତ ଅସ୍ତ୍ର ଶସ୍ତ୍ର ଆମଦାନୀ ପରିବର୍ତ୍ତେ ବିଶ୍ୱରୁ ଦାରିଦ୍ର୍ୟ ଲୋପ କରିବା ପାଇଁ ଦୃଢ ପଦକ୍ଷେପ ନେବା ଦରକାର ।

ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ-(୬୩୭୦୬ ୭୫୫୬୨)

# ଚିନ୍ତାରେ ଇମରାନ



ସୌମେନ୍ଦ୍ର ଜେନା

ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମରାନ ଖାଁ କ୍ରିକେଟରେ ଯେତେସବୁ ସମ୍ମାନ ଅର୍ଜନ କରିଥିଲେ ରାଜନୀତିକୁ ଆସି ତା'ଠାରୁ ଅଧିକ ଅସମ୍ମାନିତ ହେବାରେ ଲାଗିଛନ୍ତି । ଦେଶ ଭିତରେ ସାଧାରଣ ଜନତା ଓ ଗଣମାଧ୍ୟମଗୁଡିକରେ ଇମରାନଙ୍କ ଅପାରଗତାକୁ କେନ୍ଦ୍ରକରି ଚର୍ଚ୍ଚା ଜାରିଥିଲା ବେଳେ ଦେଶ ବାହାରେ ତାଙ୍କ ନୀତିକୁ ସମାଲୋଚନା କରାଯାଉଛି । ନିକଟରେ ସେ ଆମେରିକା ପାଇଁ ପାକ୍‌ର ନୂତନ ରାଷ୍ଟ୍ରଦୂତଙ୍କ ଯେଉଁ ନାମ ପଠାଇଥିଲେ ତାଙ୍କୁ ଆମେରିକାରେ ନିନ୍ଦା କରାଯାଇଛି । ଆମେରିକାର ସାଂସଦ ସ୍କଟବେରୀ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ କୌଣସି ପ୍ରକାର ପାକ୍ ସନ୍ତ୍ରାସବାଦୀଙ୍କ କଠୋର ସମର୍ଥକ ମସୁଦ ଖାଁଙ୍କୁ ରାଷ୍ଟ୍ରଦୂତ ମାନ୍ୟତା ନଦେବା ଲାଗି କହିଛନ୍ତି । ମସୁଦ କିପରି କାଶ୍ମୀର ଆତଙ୍କବାଦୀଙ୍କ ବଡ ପ୍ରଶଂସକ ଓ ସହଯୋଗୀ ରହିଆସିଛନ୍ତି ସେ ନେଇ ଦଲିଲ ପ୍ରସ୍ତୁତ କରିଛନ୍ତି । ପୂର୍ବରୁ ମସୁଦ ଆମେରିକାର ଜେଲରେ ରହିଥିବା ମହିଳା ସନ୍ତ୍ରାସବାଦୀ ଆଫିଆ ସିଦ୍ଦିକୀର ସପକ୍ଷରେ ମଧ୍ୟ ଯୁକ୍ତି କରିଛନ୍ତି । ବାଇଡେନ ଯେ ମସୁଦଙ୍କୁ ଗ୍ରହଣ କରିବେ ନାହିଁ ସେମିତି କିଛି ନାହିଁ । କାରଣ ବାଇଡେନଙ୍କ ଅସ୍ପଷ୍ଟ ନୀତି ହିଁ ସବୁଠୁ ବଡ ଆଶ୍ଚର୍ଯ୍ୟ । ଆଫିଆ ଆମେରିକାର ଟେକ୍ସାସ୍‌ସ୍ଥିତ ଫୋର୍ଟ ୱର୍ଥ ଦୁର୍ଗରେ ଥିବା ଜେଲରେ ୮୬ ବର୍ଷ ପାଇଁ ଜେଲ ଜୀବନ କାଟୁଛି । ୩ ଫେବୃଆରୀ ୨୦୧୦ରୁ ଜେଲରେ ଥିବା ଆଫିଆ ପାଇଁ ଆଇଏସ୍ ଏବଂ ମୁଜାହିଦ୍ଦିନ ଗୋଷ୍ଠୀ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଅନେକ ଲୋକଙ୍କୁ ହତ୍ୟା କରିସାରିଲେଣି । ଅଥଚ ଅତୀତରେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ୟୁସୁଫ ରଜା ଜିଲାନୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ଆଫିଆର ମୁକ୍ତି ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ସେ ପାକ୍‌ର ଝିଅ ବୋଲି ସମ୍ମାନର ସହ ଗର୍ବ ଅନୁଭବ କରିଥିଲେ । ଲେଡି ଅଲ୍ କାୟଦା ଭାବେ ପରିଚିତ ଆଫିଆର ମୁକ୍ତି ପାଇଁ ଇମରାନ ମଧ୍ୟ ନିଜ ଦେଶରେ ଯୁକ୍ତି ବାଢିଥିଲା ବେଳେ ନିକଟରେ ଆଫିଆର ମୁକ୍ତିଦାବିରେ ଲଣ୍ଡନ ବାସିନ୍ଦା ତଥା ପାକ୍‌ମୂଳର ଜଣେ ସନ୍ତ୍ରାସବାଦୀ ୪୪ବର୍ଷୀୟ ମାଲିକ ଫୈସଲ ଆକ୍ରାମ ଟେକ୍ସାସ୍‌ର କୋଲ୍ଲେ ଭିଲ୍ଲେସ୍ଥିତ ଇହୁଦୀଙ୍କ ପ୍ରାର୍ଥନା ଗୃହରେ ପ୍ରବେଶ କରି ଲୋକମାନଙ୍କୁ ବନ୍ଧୁକ ମୁନରେ ଅଟକ ରଖିଥିଲା । ପରେ ପୋଲିସ ଚଢାଉରେ ତାର ମୃତ୍ୟୁ ଘଟିଥିଲା । ଓସାମା ବିନ୍ ଲାଡେନଠାରୁ ଆଫିଆ ପର୍ଯ୍ୟନ୍ତ ଅନେକ ସନ୍ତ୍ରାସବାଦୀଙ୍କ ସୂତ୍ର ପାକ୍ ପର୍ଯ୍ୟନ୍ତ ଲମ୍ବିଥିବା ହେତୁ କୌଣସି ରାଷ୍ଟ୍ର ଇମରାନ ସରକାରଙ୍କୁ ଗୁରୁତ୍ୱ ଦେବାକୁ ଆଗ୍ରହୀ ନାହାନ୍ତି । ପାକ୍‌ରୁ ଦୁର୍ନୀତି, ଦାରିଦ୍ର୍ୟ, ଅନାହାର ଆଦି ସମସ୍ୟାର ସମାଧାନ କରି ନୂଆ ପାକିସ୍ତାନ ଗଢିବା ପାଇଁ ସ୍ୱପ୍ନ ଦେଖାଇ କ୍ଷମତାସୀନ ହୋଇଥିବା ଇମରାନ ଏବେ ନିଜେ ସନ୍ଦେହଘେରରେ ପଡିଛନ୍ତି । ଦେଶ ଭିତରେ ଦାରିଦ୍ର୍ୟ, ଦୁର୍ନୀତି, ଦରବୃଦ୍ଧି ଆଦି ବଢିବାରେ ଲାଗିଛି । ଏଫ୍‌ଏଟିଏଫ୍‌ର ଗ୍ରେ ଲିଷ୍ଟରୁ ପାକିସ୍ତାନ ବାହାରି ପାରୁନାହିଁ । ଫ୍ରାନ୍ସର ସନ୍ତ୍ରାସ ବିରୋଧୀ ଆଭିମୁଖ୍ୟକୁ ପାକ୍ ସରକାରଙ୍କ ସମାଲୋଚନା କରିବା ଏବେ ଅଧିକ ସଙ୍କଟକୁ ଡାକିଆଣିଛି । ଇଉରୋପୀୟ ୟୁନିଅନର ନେତୃତ୍ୱରୁ ମର୍କେଲ ବିଦା ହେବା ପରେ ଏବେ ଫ୍ରାନ୍ସର ଆଧିପତ୍ୟ ବୃଦ୍ଧିପାଇଛି । ୨୦ ଜାନୁଆରୀ ୨୦୨୨ରେ ଲାହୋର ସହରର ଲାହୋରୀ ଗେଟ ନିକଟରେ ହୋଇଥିବା ବିସ୍ଫୋରଣରେ ୨ଜଣଙ୍କ ମୃତ୍ୟୁ ହେବା ସହ ୨୦ଜଣ ଆହତ ହୋଇଥିଲେ, ଗତବର୍ଷ ୨୩ଜୁନ୍ ୨୦୨୧ରେ ଲାହୋରର ଜୋହରଠାରେ ସକାଳ ୧୧ଟାରେ ହୋଇଥିବା ବିସ୍ଫୋରଣରେ ୪ଜଣଙ୍କ ମୃତ୍ୟୁ ହୋଇଥିଲା । ୨୪ ଜଣ ଆହତ ହୋଇଥିଲେ । ଲସ୍କର-ଇ-ତୈବା ଏବଂ ଜମାତ-ଉଦ୍ ଦାୱାର ମୁଖ୍ୟ ହାଫିଜ ସୟିଦର ଘରକୁ ଟାର୍ଗେଟ କରି ହୋଇଥିବା ସେହି ବିସ୍ଫୋରଣ ଘଟଣାରେ ୪ଜଣ ଫାଶୀ ପାଇବେ ବୋଲି ଜଣାପଡିଛି । ସେହି ଘଟଣାରେ ୩୦କିଗ୍ରା ବିସ୍ଫୋରକ ଭର୍ତ୍ତି ଏକ କାରକୁ ବ୍ୟବହାର କରାଯାଇଥିଲା । ସେହିପରି ୨୬ ଜାନୁଆରୀ ୨୦୨୨ଦିନ ବଲୁଚିସ୍ତାନ ପ୍ରଦେଶର କେଚ୍ ଜିଲ୍ଲାରେ ଥିବା ସୁରକ୍ଷା ପୋଷ୍ଟ ଉପରେ ଆକ୍ରମଣ କରି ବଲୁଚ ଲିବରେସନ ଆର୍ମି ଗୋଷ୍ଠୀ ୧୦ ପାକ୍ ସେନାଙ୍କୁ ହତ୍ୟା କରିଥିଲେ । ୨୦ଜାନୁଆରୀ ଦିନ ଲାହୋର ଆକ୍ରମଣ ପଛରେ ବଲୁଚ ମୁକ୍ତି ବାହିନୀର ହାତଥିବା ସ୍ପଷ୍ଟ ହୋଇଛି । ଗତ ଡିସେମ୍ବର ମାସ ୩୦ ତାରିଖ ଦିନ ପାକିସ୍ତାନର ଉତ୍ତର ୱାଜିରିସ୍ତାନର ମିର ଅଲି ଅଞ୍ଚଳରେ ପାକ୍‌ସେନାଙ୍କ ଚଢାଉ ପ୍ରତିବାଦରେ ବଲୁଚ ଲଢୁଆ ବାହିନୀର ଆକ୍ରମଣ ଆରମ୍ଭ ହୋଇଥିଲା । ସେଥିରେ ହାବିଲଦାର ମୁନାୱର, ସିପାହୀ ଜାକା ଉଲ୍ଲା, ଫରହାନ ଏବଂ ସେରାଜର ମୃତ୍ୟୁ ହୋଇଥିଲା । ଡିସେମ୍ବର ୨୪ତାରିଖ ଦିନ କେଚ୍ ଜିଲ୍ଲାର ଏକ ସେନା ଚେକ୍ ପୋଷ୍ଟର ଦୁଇଜଣ ଯବାନ ଏବଂ ୧୪ ଡିସେମ୍ବର ଦିନ ବଲୁଚିସ୍ତାନର ପାକ୍ ଇରାନ ସୀମାରେ ୨ଜଣ ଯବାନ ବଲୁଚ ମୁକ୍ତିବାହିନୀ ଗରିଲା ଆକ୍ରମଣରେ ପ୍ରାଣ ହରାଇଥିଲେ । ଗତ ୧ ଅକ୍ଟୋବରରେ ଉତ୍ତର ୱାଜିରସ୍ତାନର ସ୍ପିନୱାର୍ମ ଅଞ୍ଚଳରେ ସେନାଗାଡି ଉପରେ ବଲୁଚ ବାହିନୀର ଆକ୍ରମଣରେ ଚରସଦ୍ଧାର ହାବିଲଦାର ଜାହିଦ (୩୫), କୁରାମର ହାବିଲଦାର ଇସାକ(୩୭), ଖାଇବରର ଲାନ୍ସନାୟକ ୱାଲି (୨୮), କୁରାମର ଲାନ୍ସନାୟକ ଅବଦୁଲ ମଜିଦ (୨୮), ସ୍ପିନୱାର୍ମର ସବ୍‌ଇନ୍‌ସପେକ୍ଟର ଜାଭେଦ (୩୮)ର ମୃତ୍ୟୁ ହୋଇଥିଲା । ସେମିତି ଖାଇବର ପାଖତୁନଖ୍ୱାଠାରେ ତେହରିକ-ଇ-ତାଲିବାନ ଗୋଷ୍ଠୀର ଆକ୍ରମଣରେ ପାକ୍‌ପଟନର ଜଣେ ସେନା କ୍ୟାପଟେନ୍ ସିକନ୍ଦର (୨୭)ଙ୍କ ମୃତ୍ୟୁ ହୋଇଥିଲା । ଗତ ସେପ୍ଟେମ୍ବର ମାସରେ ଦକ୍ଷିଣ ୱାଜିରସ୍ତାନର ଆସମାନ ମାଞ୍ଜା ଅଞ୍ଚଳରେ ୭ଜଣ ସେନା ଯବାନଙ୍କୁ ଆଇଇଡି ବିସ୍ଫୋରଣରେ ଉଡାଇ ଦିଆଯାଇଥିଲା । ଇମରାନଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆସିଛି । ଶ୍ରୀଲଙ୍କାର ଗଣମାଧ୍ୟମରେ ଇମରାନଙ୍କ ଅପାରଗତାକୁ ନେଇ ସମାଲୋଚନା କରାଯାଇଛି । ଶ୍ରୀଲଙ୍କା କ୍ରିକେଟରମାନଙ୍କ ବସ୍ ଉପରେ ଗୁଳିମାଡ ପରି ଏହି ଘଟଣା ଶ୍ରୀଲଙ୍କାବାସୀଙ୍କ ମନରେ ପ୍ରଚଣ୍ଡ ଘୃଣାଭାବ ସୃଷ୍ଟି କରିଛି । ବାଧ୍ୟ ହୋଇ ପାକ୍ ସରକାର ଶ୍ରୀଲଙ୍କା କର୍ମଚାରୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ବାଧ୍ୟ ହୋଇଛନ୍ତି । ନିଜ ଭାବମୂର୍ତ୍ତି ବଢାଇବାଲାଗି ଇମରାନ ଋଣଗ୍ରସ୍ତ ଥାଇ ମଧ୍ୟ ଶ୍ରୀଲଙ୍କାକୁ ଅର୍ଥ ସହାୟତା ଦେବାକୁ ଘୋଷଣା କରିଛନ୍ତି । ଏହିସବୁ ସମସ୍ୟା ଭିତରେ ୩ ଫେବୃଆରୀ ଦିନ ସାଢେ ଏଗାରଟା ବେଳେ ଆଫଗାନିସ୍ତାନର ସୀମାନ୍ତରେ ଥିବା ବଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ପଞ୍ଜଗୁରୁ ଏବଂ ନୁସ୍‌କୀସ୍ଥିତ ପାକ୍ ସେନା ଶିବିର ଉପରେ ବଲୋଚ ଲିବରେସନ୍ ଆର୍ମିର ଲୋକେ ଆକ୍ରମଣ କରି ପ୍ରାୟ ୧୭୬ ଯବାନଙ୍କୁ ହତ୍ୟା କରିବା କଥା ଘୋଷଣା କରିଛନ୍ତି । ପାକ୍ ସରକାର ନିଜ ଦେଶର ଗଣମାଧ୍ୟମରେ ଏହି ଖବର ପ୍ରସାରିତ ନକରିବାକୁ କଟକଣା ଜାରି କରିଛନ୍ତି । ଏହି ଘଟଣା କାଳରେ ପାକ୍ ସେନାର ଗୋଟିଏ ହେଲିକପ୍ଟର ଧ୍ୱଂସ ପାଇଥିବା କଥା ବଲୋଚ ଲିବରେସନ୍ ଆର୍ମି ପକ୍ଷରୁ ଘୋଷଣା କରାଯାଇଛି । ପାକିସ୍ତାନ ସରକାର ଅତୀତରେ ବଙ୍ଗଳାଦେଶୀମାନଙ୍କ ପ୍ରତି ଯେପରି ବର୍ବରତା ପ୍ରଦର୍ଶନ କରିଥିଲେ ଏବେ ବଲୋଚମାନଙ୍କ ପ୍ରତି ଠିକ୍ ସେମିତି ବ୍ୟବହାର କରୁଛନ୍ତି । ଆଗାମୀ ଦିନରେ ଏହି ଅଞ୍ଚଳ ବଙ୍ଗଳାଦେଶ ପରି ପାକିସ୍ତାନରୁ ସ୍ୱତନ୍ତ୍ର ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଦେଶରେ ହିନ୍ଦୁ, ଶିଖ୍ ଓ ଖ୍ରୀଷ୍ଟିଆନଙ୍କ ପରି ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣ ବଢି ବଢି ଚାଲିଛି । ହିନ୍ଦୁଙ୍କ ମନ୍ଦିର ଭଙ୍ଗାହେବା ପରେ ସରକାର ପୁଣି ହିନ୍ଦୁଙ୍କଠାରୁ ଅର୍ଥ ସଂଗ୍ରହ କରି ମନ୍ଦିର ନିର୍ମାଣ କରାଉଛନ୍ତି । ସେମିତି ଜଣେ ଖ୍ରୀଷ୍ଟିଆନ୍ ପାଦ୍ରୀଙ୍କୁ ହତ୍ୟା କରାଯିବା ପରେ ସ୍ଥାନୀୟ ମୌଲବୀ ଗୀର୍ଜାକୁ ଯାଇ ନମାଜ ପଢିବାର ନାଟକ କରୁଛନ୍ତି । ଲାହୋର ଅଦାଲତ ଜିହାଦ ନାମରେ ଅର୍ଥ ସଂଗ୍ରହକୁ ବେଆଇନ ଘୋଷଣା କରିବା ସତ୍ତ୍ୱେ ସନ୍ତ୍ରାସବାଦୀମାନେ ଖୋଲାରେ ସବୁଠି ଚାନ୍ଦା ଆଦାୟ କରୁଛନ୍ତି । ଏପରିକି ଜଣେ ମୌଲାନାଙ୍କ ମୃତ୍ୟୁପରେ ତାଙ୍କ ଆକାଉଣ୍ଟରୁ ୫ ବିଲିଅନ ଡଲାର ଜମା ହୋଇଥିବା ତଥ୍ୟ ଜଣାପଡିଲା । ଇମରାନଙ୍କ ବିରୋଧୀ ତଥା ଜମିଆତ ଉଲେମା-ଇ-ଇସଲାମ ପାର୍ଟିର ଅଧ୍ୟକ୍ଷ ମୌଲାନା ଫଜଲୁର ରହମାନ ନିକଟରେ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ସ୍ଥାନୀୟ ନିର୍ବାଚନରେ ନିଜ ଦଳକୁ ୩୯ଟି ତହସିଲରେ ମେୟର ଏବଂ ଚେୟାରମେନ୍ ଆସନରେ ବିଜୟୀ କରାଇଛନ୍ତି । ଏହି ସ୍ଥାନୀୟ ନିର୍ବାଚନରେ ବିପୁଳ ସଫଳତା ପରେ ସେ ୨୩ ମାର୍ଚ୍ଚରେ ଇମ୍‌ରାନ ସରକାର ବିରୋଧରେ ଇସଲାମାବାଦ ଚଲ ଅଭିଯାନର ଘୋଷଣା କରିଛନ୍ତି । ଗତ ଅକ୍ଟୋବର-ନଭେମ୍ବର ୨୦୨୧ରେ ତେହରିକେ ଲାବାଇକ ପାକିସ୍ତାନ ଦଳର ଲୋକେ ଇମ୍‌ରାନଙ୍କୁ ପାଣି ପିଆଇଥିଲେ । ପାକିସ୍ତାନରୁ ଫ୍ରାନ୍ସ ରାଷ୍ଟ୍ରଦୂତଙ୍କୁ ଅପସାରଣ, ଦଳ ଉପରୁ ନିଷେଧାଜ୍ଞା ହଟାଇବା ଏବଂ ଦଳର ମୁଖ୍ୟ ସାଦ୍ ହୁସେନ୍ ରିଜଭୀଙ୍କ ମୁକ୍ତି ଦାବିରେ ୨୨ ଅକ୍ଟୋବରରୁ ୧୮ ନଭେମ୍ବର ଯାଏଁ ପଞ୍ଜାବର ଲାହୋର, ମୁଲତାନ, ଗୁଜୁରାଟ ଏବଂ ଗୁଜରନୱାଲାରେ ଯେଉଁ ବ୍ୟାପକ ହିଂସାକାଣ୍ଡ, ଗୁଳିଗୋଳା ବର୍ଷଣ ହୋଇଥିଲା ସେଥିରେ ଜଣେ ପୋଲିସ ସହ ୨୭ଜଣଙ୍କ ମୃତ୍ୟୁ, ୪୦ ପୋଲିସଙ୍କ ସମେତ ୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଦେଶର ଖରାପ ଆର୍ଥିକ ପରିସ୍ଥିତି, ରାଜନୈତିକ ସନ୍ଦେହ, ଆନ୍ତର୍ଜାତିକ ସ୍ତରରେ ସନ୍ତ୍ରାସବାଦୀଙ୍କ ସମର୍ଥକ ରାଷ୍ଟ୍ର ଭାବେ ପରିଚୟ, ଭାରତ ସହ ସମକକ୍ଷ ହେବା ଦୌଡରେ ଅଯଥା ସାମରିକ ବ୍ୟୟ, ଆଧୁନିକ ଶିକ୍ଷା ପରିବର୍ତ୍ତେ ମୌଲବାଦୀ ମଦ୍ରାସା ଶିକ୍ଷାକୁ ପ୍ରାଧାନ୍ୟ ଦେବା, ଗବେଷଣା ଓ ଉତ୍ପାଦନ କ୍ଷେତ୍ରରେ ଢାଞ୍ଚାଗତ ଦୁର୍ବଳତା, ମୌଳବାଦୀ ଧର୍ମଗୁରୁମାନଙ୍କର ଦେଶର ବିଧି ଓ ବ୍ୟବସ୍ଥା ପ୍ରତି ଆହ୍ୱାନ ଆଦି ପାକିସ୍ତାନରେ ଜଟିଳ ପରିସ୍ଥିତି ସୃଷ୍ଟି କଲାବେଳେ ଇମରାନ ଚିନ୍ତାରେ ପଡିଛନ୍ତି ।

-ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩




# ବାୟୋଫ୍ଲକ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଣୁରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । । ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏ ଡି ସିର ପରିମାଣ କମିବା ସହିତ ପୋଷକତତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ୍ ଯେପରିକି ମ୍ୟୁରାମିକ ଏସିଡ୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏାଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ


ବିଜ୍ଞାନ ମିହିର ରାଉତ

ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।





ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ପ୍ୟାଟିଆସିଡ୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଣୁ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ୍ ଧାରଣ କରିଥାଏ । ଜୀବାଣୁର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ୍, ଲିନୋଲେଇକ ଏସିଡ୍, ଓରେଇକ ଏସିଡ୍ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ



ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ। କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି। ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇଡ୍ରୋଫନିକ୍ସ। ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ। ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ। ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ। ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବିଆପଣେଇଲେଣି । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ। ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ।



### ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଲର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

### ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

### ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଇ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସି ଗାଇ ଅପେକ୍ଷା ଦେଶୀଗାଇର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

## ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଅଭିନନ୍ଦିତା ସାହୁ

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

**ଝାଉଁଳା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।

ପ୍ରତିକାର :

- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।
- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।



**ପାଉଁଶିଆ ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।

**ପ୍ରତିକାର :**

- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



ସହପ୍ରାଧାପିକା, ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦




# ଖାଦ୍ୟ ଖଳନାୟକ



ଭାତ ଆପଣଙ୍କୁ ମୋଟା କରି ଦେବ। କୋଲେଷ୍ଟେରଲ ସ୍ତର ବୃଦ୍ଧି କରିଦେବ। ଭାତକୁ ଡାଏଟ୍ ଭିଲିଆନ ବା ଖାଦ୍ୟର ଖଳନାୟକ କହିବା ପଛରେ ବହୁ ତଥ୍ୟ ଲୁଚିଛି। ଏ ସମ୍ବନ୍ଧରେ ଗବେଷଣା ଆହୁରି ଆଗକୁ ବଢୁଛି ଯାହାର ଶେଷ ବି ନାହିଁ। ତଥାପି ଭାତକୁ ଛାଡ଼ିବ ବା କଷ୍ଟକର। ଯୁଗ ଯୁଗ ଧରି ଭାରତ ତଥା ଏସିଆରେ ଏହା ପ୍ରଧାନ ଖାଦ୍ୟ ଭାବେ ରହିଆସିଛି। ଭାତକୁ ଏହି ଅ ଳର ୭୦ଭାଗ ବ୍ୟକ୍ତି ଦୈନିକ ଖାଇଥାନ୍ତି। କେବଳ ଭାତ ନୁହେଁ, ଚାଉଳରୁ ପ୍ରସ୍ତୁତ ଅନ୍ୟ ଖାଦ୍ୟରୁ ବି ଶକ୍ତି ମିଳିଥାଏ। କିନ୍ତୁ ଅଭ୍ୟାସ କ୍ରମେ ଓ ଅନ୍ୟ ବିକଳ୍ପ ନଥାଇ ଏହାକୁ ଲୋକେ ଖାଇବା ଦ୍ୱାରା ଏବେ ଜୀବନଶୈଳୀଗତ ରୋଗ ମଧୁମେହ ଓ ଆବେଗ ବୃଦ୍ଧି ପାଉଛି। ଭାତ ଯାହା ଆମକୁ ଯୁଗ ଯୁଗ ଧରି ଜୀବନ ଦେଇଛି - ତାକୁ କିପରି ଆମେ ଡାଏଟ୍ ଭିଲିଆନ ବୋଲି କହିପାରିବା। ଏଥିରୁ ସବୁଠୁ ବେଶୀ ପୋଷକ ତ ୍ୱ ରହିଛି। କିନ୍ତୁ ଯେତେବେଳେ ଏହାକୁ ପ୍ରୋସେସିଂ କରାଯାଉଛି ସେଥିରୁ ତନ୍ତୁ, ପ୍ଲା ପ୍ରୋଟିନ, ଅତିଦରକାରୀ ଫ୍ୟାଟି ଏସିଡ଼, ଭିଟାମିନ ଓ ମିନେରାଲ୍‌ସ ନଷ୍ଟ ହୋଇଯାଏ। ଏହା ହିଁ ଚିନ୍ତାର କାରଣ। ଏହାକୁ ଫାଇନ ଓ ପଲିସ କରି ପ୍ୟାକେଟରେ ରଖାଯାଇ ବିକ୍ରି କରାଯିବା ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପ୍ରୋଟିନ ଓ ପୋଷକ ତ ୍ୱ ମିଳିପାରୁନି। ଆମକୁ ଏହି ସଙ୍କଟରୁ ଦୂରେଇ ରହିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଚୟନ ସଠିକ ହେବା ଆବଶ୍ୟକ : ସୁପର ମାର୍କେଟକୁ ପଶିଯିବା କ୍ଷଣି ଥାକ ଥାକ ହୋଇ ଥୁଆହୋଇଥାଏ ବ୍ରାଉନ୍ ରାଇସ, ରେଡ଼ ରାଇସ, ଲଙ୍ଗ ଗ୍ରେନ୍, ବ୍ରୋକନ୍ ଗ୍ରେନ ଏମିତି ଅନେକ। ଏମିତିକା ଚାଉଳ ବାଛିବା ପୂର୍ବରୁ ସହଜରେ ଯାହା ହଜମ ହୋଇପାରିବ ତାହା ପସନ୍ଦ କରନ୍ତୁ। ବେଳେବେଳେ ପ୍ରୋସେସିଙ୍ଗରେ ଏଥିରେ ଅତ୍ୟଧିକ ମାତ୍ରାରେ ଭିଟାମିନ୍ ଓ ମିନେରାଲ୍‌ସ ଭରି ଦିଆଯାଇଥାଏ। ଏଭଳି ରାଇସ୍ ଓଜନ ବୃଦ୍ଧି କରାଇଥାଏ। ନ୍ୟୁଟ୍ରିସନ ସ୍ତର ଯଦି ବିଚାରକୁ ନିଆଯାଏ, ତେବେ ହ୍ୱାଇଟ ରାଇସ୍ ବା ଧଳା ଚାଉଳ ଠାରୁ ବ୍ରାଉନ୍ ରାଇସ ବା ମାଟିଆ ଚାଉଳ ଭଲ। ଏଥିରେ ହଜମକ୍ରିୟାରେ ସହାୟକ ହେବା ଭଳି ତନ୍ତୁ ଭିଟାମିନ, ମିନେରାଲ୍‌ସ ତଥା ଉପକାରୀ ଫାଇଟୋ ନ୍ୟୁଟ୍ରି ସ୍ ରହିଛି। ଯଦି ଆପଣ ମାଟିଆ, ନାଲି ତଥା ପଲିସ୍ ନହୋଇଥିବା ଚାଉଳର ଭାତ ଖାଆନ୍ତି, ତେବେ ରୁଟିରୁ ଯାହା ଶକ୍ତି, ପ୍ରୋଟିନ୍ ଓ ଭିଟାମିନ ପାଉ ସେହି ପରିମାଣରେ ପାଇପାରିବା। ବ୍ରାଉନ ରାଇସ କୋଲେଷ୍ଟେରଲ ହ୍ରାସ କରିବାରେ ମୁଖ୍ୟ ଭୂମିକା ନିଏ ବୋଲି କହନ୍ତି ନ୍ୟୁଟ୍ରିସନିଷ୍ଟ। ଏଣୁ ଯଦି ଆପଣ ପ୍ରତ୍ୟେକ ଦିନ ଭାତ ଖାଉଛନ୍ତି ତେବେ ପଲିସ ହୋଇନଥିବା ଚାଉଳ ବାଛନ୍ତୁ। ଏହା ବାଦ ବ୍ରାଉନ୍ ରାଇସ ବଦଳରେ ମଣିପୁରୀ ବ୍ଲାକ ରାଇସ ବି ବାଛନ୍ତୁ ଯେଉଁଥିରେ ଜିଙ୍କ୍, କପର ଏବଂ କ୍ୟାରୋଟିନ ପାଇପାରିବେ। ରେଡ଼ ରାଇସ୍‌ରେ ବେଶୀ ଷ୍ଟାର୍ଚ୍ଚ ରହିଥାଏ। ଏଣୁ ଯଦି ସମସ୍ତ ପ୍ରକାର ରାଇସର କ୍ୱାଲିଟି ଦେଖାଯାଏ ତେବେ ସବୁଠୁ ଆଗରେ ରହିବ ବ୍ରାଉନ ରାଇସ। ଏଥିରେ ମାଗ୍ନେସିୟମ ଓ ସେଲେନିୟମ ରହିଛି। ବଜାରରେ ବିଭିନ୍ନ ପ୍ରକାର ବ୍ରାଣ୍ଡର ବ୍ରାଉନ୍ ରାଇସ ଉପଲବ୍ଧ। କିନ୍ତୁ କିଣିବା ପୂର୍ବରୁ ଏଥିପ୍ରତି ସାବଧାନ ହେବାକୁ ପଡ଼ିବ। କାରଣ ବହୁ, କ୍ଷେତ୍ରରେ ଏହାକୁ ରଙ୍ଗ କରାଯାଉଥିବାର ଦେଖାଯାଉଛି। ଅଲଟ୍ରା ପ୍ରୋସେସିଂ ଦାୟୀ: ଭାତ ଖାଇ ଡାଇବେଟିସ୍‌ରେ ପଡୁଛନ୍ତି ବହୁ ବ୍ୟକ୍ତି। ଏଥିରେ ଭାତ ବା ଚାଉଳର ଦୋଷ ନୁହେଁ। ଆପଣ କେଉଁ ପ୍ରକାରର ଚାଉଳ ବ୍ୟବହାର କରୁଛନ୍ତି ତାହା ହିଁ କାରଣ। ବଜାରରେ ଏମିତିକା ପଲିସ ହୋଇଥିବା ଚାଉଳ ମିଳୁଛି ଯେଉଁଥିରେ ପ୍ରୋଟିନ୍ ଭାଗ କମ୍। ତାହା ହଜମ ହାର ବୃଦ୍ଧି କରି ବ୍ଲଡ଼ସୁଗାର ବଢ଼ିବାର କାରଣ ହେଉଛି। ଡାୟାବେଟୋଲୋଜିଷ୍ଟ କହନ୍ତି ଯେ ପଲିସ ହୋଇଥିବା ଚାଉଳରେ ତନ୍ତୁ କମିଯାଏ ଓ କାର୍ବୋହାଇଡ୍ରେଟ ବୃଦ୍ଧି ପାଏ। ଚାଉଳକୁ ବାରମ୍ବାର ପଲିସ କରିବା ଦ୍ୱାରା ପ୍ରୋଟିନ୍, ଫ୍ୟାଟ, ମିନେରାଲ, ପଲିଫେନୋସିଡ଼, ଭିଟାମିନ-ଇ ସ୍ତର କମିଯାଏ। ଫଳରେ ସ୍ୱାସ୍ଥ୍ୟପ୍ରଦ ତ ୍ୱ ନଷ୍ଟ ହୋଇ ଅନ୍ୟ ରୋଗକୁ ଆମନ୍ତ୍ରଣ କରିଥାଏ। ଏଣୁ ଯେତେବେଳେ ବଜାରରୁ ପଲିସ ହୋଇଥିବା ଚାଉଳ କିଣୁଛନ୍ତି ସେତେବେଳେ ବେଶୀଥର ପଲିସ ହୋଇନଥିବା ଚାଉଳ ବାଛନ୍ତୁ। କିନ୍ତୁ ଏହା ଏବେ ଜାଣିବା କଷ୍ଟକର ଯାହା କ୍ରେତାଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏକ କପ୍ ଚାଉଳରୁ ମିଳେ : ୨୦୪ କ୍ୟାଲୋରୀ, ୪୫ ଗ୍ରାମ କାର୍ବୋହାଇଡ୍ରେଟ୍, ୨ ପ୍ରତିଶତ ପଟାସିୟମ, ୮ ପ୍ରତିଶତ ପ୍ରୋଟିନ, ୨ ପ୍ରତିଶତ କ୍ୟାଲସିୟମ। ଏହା ସତ୍ୟ : ହ୍ୱାଇଟ ରାଇସ ଡାଇବେଟିସ କରେ ବୋଲି ବ୍ରିଟିଶ ମେଡ଼ିକାଲ ଜର୍ଣ୍ଣାଲରେ ପ୍ରକାଶିତ। ଭାରତରେ କରାଯାଉଥିବା ଗବେଷଣାରେ ବି ଏହା ଜଣାପଡ଼ିଛି। ଭାତ ଖାଇବା ଦ୍ୱାରା କୋଲେଷ୍ଟେରୋଲ ସ୍ତର ବୃଦ୍ଧି ହୁଏନି। କିନ୍ତୁ ଏହା ସହ ବେଶୀ ଲୁଣ ନଖାଇବା ଉପରେ ଯେଉଁମାନେ ଧ୍ୟାନ ଦିଅନ୍ତି ସେମାନେ ବେଶୀ ଲାଭ ପାଆନ୍ତି। ଭାତ ଖାଇଲେ ମୋଟା ହେବେନି। ବରଂ ଏହା ସହଜରେ ହଜମ ହୁଏ। ୱେଟଲସ୍ ପାଇଁ ଯେଉଁମାନେ ରହିଛନ୍ତି ସେମାନେ ଏଥିପ୍ରତି ଧ୍ୟାନ ଦେବା ଦରକାର। କାରଣ, ସେମାନେ ଭାତ ଖାଇବା ଛାଡ଼ି ଦେଇଥାନ୍ତି। ଭାତ ଖାଇଲେ ପ୍ରଚୁର ଶକ୍ତି ମିଳେ। ବିକଳ୍ପ : ରାଇସ ବ୍ରାନ ଅଏଲ : କମ୍ପାନୀଗୁଡ଼ିକ ଧାନରୁ କୁଣ୍ଡା ବାହାର କରି ପଲିସ କରି ସେଥିରୁ ନ୍ୟୁଟ୍ରିଏ ସ୍ତର ହ୍ରାସ କରୁଥିଲେ ବି ଏବେ କୁଣ୍ଡାରୁ ତେଲ ରାଇସବ୍ରାନ ଅଏଲ ପ୍ରସ୍ତୁତ କରୁଛନ୍ତି ଯାହା ସ୍ୱାସ୍ଥ୍ୟପ୍ରଦ। କାରଣ ଏଥିରେ ରହିଛି- ଆ ି ଅକ୍ସିଡା । ମନୋସାଚୁରେଟେଡ ଫ୍ୟାଟ - ମୋଟାପା କମାଏ, କୋଲେଷ୍ଟରୋଲ ହ୍ରାସ କରେ। ସ୍କେଲୋସିସ ପ୍ରଥମାବସ୍ଥାରେ ଉପଶମ କରେ ଓ ହୃଦରୋଗକୁ ଲାଭପ୍ରଦ। ରକ୍ତ ଚାପ ହ୍ରାସ କରେ। ଓରିଜାନୋଲ ଯାହା ଦେହ ପାଇଁ ଉପକାରୀ। ଫାଇଟୋଷ୍ଟିରୋଲ କୋଲେଷ୍ଟେରୋଲ ଯାହା କ୍ୟାନ୍‌ସର ବିରୋଧରେ ଲଢ଼େ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,ଦୂରଭାଷ : ୯୪୩୭୦୫୧୯୫୭

## ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅନୁଷ୍ଠିତ

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଗଣକବି ଏକାଧାରରେ ଜଣେ ଲେଖକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସମାଜ ସଂସ୍କାରକ ଥିଲେ। ତାଙ୍କ ଗୀତିନାଟ୍ୟର ପ୍ରଭାବ ଏବେ ସୁଦ୍ଧା ଜନମାନସରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଯୋଗଦେଇ ଗଣକବିଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ତାଙ୍କର ଜାତିପ୍ରଥାରେ ବିଶ୍ୱାସ ନଥିଲା ବୋଲି କହିଥିଲେ। ସଂପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଉପସଭାପତି ବଟକୃଷ୍ଣ ପରିଡ଼ା, ଆଇନଜୀବୀ ସନ୍ତୋଷ କୁମାର ତରାଇ, ବ୍ରଜକିଶୋର ଦାଶ, ସୁନାକର ସହୁ, ଗବେଷିକା ସସ୍ମିତା ଦାଶ, ପ୍ରତାପରୁଦ୍ର ପଣ୍ଡା, ପ୍ରଦୀପ ସାମଲ ପ୍ରମୁଖ ଗଣକବିଙ୍କ ସାହିତ୍ୟକୃତି ସଂପର୍କରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ। ଅଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବୈଧ ଗର୍ଭପାତ: ଉଦ୍‌ବେଗଜନକ ମାତୃ ମୃତ୍ୟୁହାର



ଗର୍ଭପାତ କରିବାର ସମୟ ସୀମାକୁ ୨୦ ସପ୍ତାହ ପରିବର୍ତ୍ତେ ୨୪ ସପ୍ତାହକୁ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ମେଡ଼ିକାଲ ଟର୍ମିନେସନ ଅଫ୍ ପ୍ରେଗ୍ନାନ୍‌ସି ଆମେଣ୍ଡମେ ବିଲ୍ - ୨୦୨୦କୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି। ପୂର୍ବରୁ ଥିବା ମେଡ଼ିକାଲ ଟର୍ମିନେସନ ଅଫ୍ ପ୍ରେଗ୍ନାନ୍‌ସି ଆକ୍ଟ-୧୯୭୧ ଆଇନ ଅନୁସାରେ ଗର୍ଭପାତର ସମୟ ସୀମା ୨୦ ସପ୍ତାହ ଥିଲା। ସମଗ୍ର ଭାରତ ବର୍ଷର ମାତୃମୃତ୍ୟୁ ହାରକୁ ଅନୁଧ୍ୟାନ କଲେ ୮ପ୍ରତିଶତ କେବଳ ଗର୍ଭପାତ ଜନିତ କାରଣରୁ ହେଉଛି। ମାତୃ ମୃତ୍ୟୁହାରରେ ସମଗ୍ର ଭାରତ ବର୍ଷ ତୁଳନାରେ ଓଡ଼ିଶାର ସ୍ଥାନ ଚତୁର୍ଥ। ସୁରକ୍ଷିତ ଗର୍ଭପାତ ପ୍ରତ୍ୟେକ ମହିଳାଙ୍କର ଏକ ମାନବିକ ଅଧିକାର ହେଲେ ଅନେକ କ୍ଷେତ୍ରରେ ଲୋକଲଜ୍ଜ୍ୟା ଭୟ ଓ ଡାକ୍ତରଖାନା ସୁବିଧାର ସଚେତନତାର ଅଭାବରୁ କେତେକ ମହିଳା ଗର୍ଭପାତ ପାଇଁ ଡାକ୍ତରଙ୍କ ବିନା ପରାମର୍ଶରେ ମେଡ଼ିସିନ ଖାଉଥିବାରୁ ଓ କ୍ୱାକ୍ ମାନଙ୍କ ଦ୍ୱାରା ଗର୍ଭପାତ କରାଉଥିବାରୁ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ଭପାତ ପାଇଁ ନିର୍ଦ୍ଧାରିତ ଆଇନ କାର୍ଯ୍ୟକାରୀ କରାଯାଉନଥିବାରୁ ଅଧିକାଂଶ ମହିଳା ଅସୁରକ୍ଷିତ ଗର୍ଭପାତର ଶିକାର ହେଉଛନ୍ତି। ଭାରତରେ ଗର୍ଭପାତକୁ ଆଇନ ସମ୍ମତ କରିବା ପାଇଁ ୧୯୭୧ ମସିହାରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ଅଧିନିୟମ ଗୃହୀତ ହୋଇଥିଲା ଯଦିଓ ଏହି ଆଇନ ଗର୍ଭପାତକୁ ସମ୍ପୂର୍ଣ୍ଣ ମୁକ୍ତ କରିନାହିଁ ତଥାପି ଯେକୌଣସି ମହିଳା ନିଜ ଇଚ୍ଛାରେ ୨୦ସପ୍ତାହ ମଧ୍ୟରେ ଗର୍ଭପାତ ପଞ୍ଜୀକୃତ ସ୍ୱାସ୍ଥ୍ୟସେବା ସଂସ୍ଥାରେ କରାଇପାରିବେ। ଏଥିପାଇଁ ୧୯୭୧ ନିୟମାବଳୀର ନିୟମ-୫ରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ନିୟମ, ୧୯୭୧ ସ୍ୱାସ୍ଥ୍ୟସେବା ସଂସ୍ଥା ମାନଙ୍କୁ ପଞ୍ଜୀକୃତ କରିବା ପାଇଁ ବ୍ୟବସ୍ଥା ରହିଛି। ଗର୍ଭପାତ ଆଇନକୁ ଅଧିକ କୋହଳ କରି ୨୦ସପ୍ତାହ ମଧ୍ୟରେ ଗର୍ଭପାତ କରିବା ପାଇଁ ବ୍ୟବସ୍ଥାକୁ ୨୪ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଏକ ବିଲ ରାଜ୍ୟସଭାରେ ସ୍ଥଗିତ ହୋଇ ରହିଛି। ବର୍ତ୍ତମାନ ପରିସ୍ଥିତିରେ ମହିଳାମାନେ ୨୦ସପ୍ତାହ ପରେ ଜଟିଳ ଗର୍ଭପାତ କରିବାକୁ ହେଲେ ଅଦାଲତର ଅନୁମତି ନେବାକୁ ପଡୁଅଛି। ଅନେକ ସମୟରେ ବିଳମ୍ବିତ ଓ ଜଟିଳ ନ୍ୟାୟ ପ୍ରକ୍ରିୟାରେ ତୁରନ୍ତ ଅଦାଲତରୁ ଅନୁମତି ପାଇବା କଷ୍ଟଦାୟକ ହୋଇଥାଏ। ସେହିପରି ଗର୍ଭନିରୋଧକ ପଦ୍ଧତି ବ୍ୟାପକ ଭାବେ ଉପଲବ୍ଧ କରାଯାଇ ଅନିଚ୍ଛାକୃତ ଗର୍ଭଧାରଣ ରୋକାଯାଇପାରିବ।

୧୯୭୧ ମସିହାରେ ସରକାରୀସ୍ତରରେ ପ୍ରଥମ କରି ଟର୍ମିନେସନ୍ ଅଫ୍ ପ୍ରେଗନାନ୍‌ସି ଆକ୍ଟ ବଳରେ ଗର୍ଭପାତକୁ ବୈଧ କରାଗଲା। ଯାହାର ମୂଳଲକ୍ଷ୍ୟ ଥିଲା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା। ସେହିପରି ସ୍ୱାସ୍ଥ୍ୟଗତ ଦିଗକୁ ଲକ୍ଷ୍ୟ କରି ସନ୍ତାନ ଜନ୍ମ ମାଆର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ଏହି ଏମ୍‌ଟିପି ନିୟମ ସହାୟତାରେ ମଧ୍ୟ ଗର୍ଭପାତ କରାଯାଉଥିଲା। ଯାହାଦ୍ୱାରା ଅସୁରକ୍ଷିତ ଗର୍ଭପାତ ଜନିତ ମାତୃମୃତ୍ୟୁହାରକୁ ହ୍ରାସ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଗୁରୁତ୍ୱ ଦିଆଯାଉଥିଲା। ଏହା ବ୍ୟତୀତ କେତେକ ଦୁଃସ୍ଥିତିର ଶିକାର ହୋଇ ଧର୍ଷଣର ଭୟାବହତାକୁ ସାମ୍ନା କରିଥିବା ମହିଳାମାନେ ଅବା ୍ତ ଗର୍ଭଧାରଣ କରିଥିବାରୁ ଆଇନ ବଳରେ ଗର୍ଭପାତ କରାଯାଇ ପାରୁଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଗର୍ଭପାତ ବ୍ୟାପକ ଭାବରେ ବଢ଼ି ଚାଲିବାରୁ କେବଳ ଚିକିତ୍ସା ମହଲ ନୁହେଁ ସରକାରୀ ଓ ବେସରକାରୀ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଲା। ତେବେ ପ୍ରଥମ କଥା ହେଉଛି ଅବୈଧ ଗର୍ଭପାତ କ'ଣ ପାଇଁ ଘଟିଥାଏ ? କୁମାରୀ ମାତୃତ୍ୱ ହେଉ ବା ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା। ଏହି ଦୁଇଟି ପ୍ରସଙ୍ଗ ଆମର ଆଜିର ସମାଜ ପାଇଁ ଏକ ଚିନ୍ତାଜନକ ଓ ଉଦ୍‌ବେଗଜନକ ପ୍ରସଙ୍ଗ। ବର୍ତ୍ତମାନ ସୂଚନା ପ୍ରଯୁକ୍ତିର ଯୁଗରେ ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରୁଛନ୍ତି। ତେବେ ଏହି ସୂଚନା ପ୍ରଯୁକ୍ତିର ବାହାନା ଭିତରେ କେତେକ ଯୁବକଯୁବତୀ ସଠିକ୍ ଦିଗ୍‌ଦର୍ଶନ ନପାଇ ଲୁଚାଚୋରା ଭାବେ ଯେଉଁ ଅମଡ଼ା ବାଟରେ ଚାଲିଥାନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଦୁଃଖଦ ଘଟଣା ରଖିଥାଏ। ଏପରିକି ଖୁବ୍ କମ୍ ବୟସରେ ଗର୍ଭବତୀ ହୋଇଥିବାରୁ କୁମାରୀ ମାତୃତ୍ୱ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ କ୍ଷେତ୍ରର ଏହା ପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ଏହି କୁମାରୀ ମାତୃତ୍ୱମାନେ ଚିର ଦିନ ପାଇଁ ମାଆ ହେବାର ସୌଭାଗ୍ୟ ହରାଇଥାନ୍ତି। ବିଶେଷକରି ଗ୍ରାମା ଳରେ ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସକଙ୍କ ସଂଖ୍ୟା କମ୍ ରହୁଥିବାରୁ ସେଠାରେ ସେମାନେ ଚିକିତ୍ସା ସୁଯୋଗ ନପାଇ ଅନେକ ଯନ୍ତ୍ରଣାର ଶିକାର ହୋଇଥାନ୍ତି। କେବଳ ଗ୍ରାମା ଳ ନୁହେଁ ଆଜି ବି ଅନେକ ଆଦିବାସୀ ମୂଳକରେ ଗୁଣୀଟୁଣି ଓ ଜଡ଼ିବୁଟିର ସହଯୋଗ ନିଆଯାଉଥିବାରୁ କୁମାରୀ ମାଆଟିର ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହୋଇ ଗୁରୁତର ଭାବରେ ବହୁ ବିଳମ୍ବରେ ସରକାରୀ ଡାକ୍ତରଖାନାକୁ ଆସିଥିବା ସମୟକୁ ନେଡି ଗୁଡ଼ କହୁଣୀକୁ ବୋହିଗଲାପରି ସେମାନଙ୍କ ଜୀବନ ରକ୍ଷା କରିବା କାଠିକର ପାଠ ହୋଇଥାଏ। ଏହି କୁମାରୀ ମାତୃତ୍ୱ ପାଇଁ ମୂଲ୍ୟବୋଧର ଅବକ୍ଷୟ ହେଉ ବା ବିଶୃଙ୍ଖଳା, ଭ୍ରଷ୍ଟାଚାର ହେଉ ବା ନୈତିକତାର ଅଧଃପତନ ପରି କାରଣ ସବୁ ଦାୟୀ।

ସମାଜରେ ଲିଙ୍ଗ ଅନୁପାତର ଅସମାନତା ପାଇଁ ଅବୈଧ ଗର୍ଭପାତ ଦାୟୀ। ଗର୍ଭରେ ଥିବା ପିଲାଟିର ଲିଙ୍ଗ ଜାଣିବା ପାଇଁ ଆଜିକା ସମୟରେ ଅନେକ ସଚେତନତା ହୋଇଥିଲେ ବି ତଥାପି ଅନେକ ମାନଙ୍କ କ୍ଷେତ୍ରରେ ଯେଉଁ ଉତ୍ସୁକତା ରହିଥାଏ ତାହା ଏକ ଦୁଃଖଦ ପ୍ରସଙ୍ଗ। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୟୁରୋପରେ କନ୍ୟାଭ୍ରୁଣ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତି ହଜାରେ ନବେ ଥିଲାବେଳେ ଋଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ କିନ୍ତୁ ଭାରତରେ ଏ ସଂଖ୍ୟା ଯଥେଷ୍ଟ ଅଧିକ। ପ୍ରତିବର୍ଷ ଆମ ଭାରତରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ କନ୍ୟାଭ୍ରୁଣ ହତ୍ୟା ଜଣାନ୍ତରେ ହେଉ ବା ଲୁଚାଛପାରେ ହେଉଛି। କେବଳ ଗ୍ରାମା ଳ ନୁହେଁ ଅଧିକ ପାଠୁଆ ଓ ବଡ଼ ପରିବାର କୁହାଯାଉଥିବା ସହରା ଳରେ ଏ ସଂଖ୍ୟା ବେଶୀ। ୨୦୦୩ ମସିହାରୁ ଭାରତରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ତତ୍‌ଜନିତ ବିଜ୍ଞାପନକୁ ବେଆଇନ ଘୋଷଣା କରିବା ସହ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଯେଉଁ ବିଶେଷଜ୍ଞ ଚିକିତ୍ସକମାନେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ନଷ୍ଟରେ ସାହାଯ୍ୟ କରିଥାନ୍ତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋର୍ଡ଼ର ୩୧୨, ୩୧୩, ୩୧୬ ଓ ୩୧୮ ଧାରା ଅନୁଯାୟୀ ଦଣ୍ଡ ପ୍ରଦାନ କରାଯାଇଥାଏ। ଭ୍ରୁଣର ଲିଙ୍ଗ ନିରୂପଣ ପରୀକ୍ଷାକୁ ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ରହିଥିବା ପ୍ରି-ନାଟାଲ ଡାୟଗ୍ନୋଷ୍ଟିକ ଟେକନିକ୍ ଆଇନ ଆଜି ପର୍ଯ୍ୟନ୍ତ ସଠିକ୍ ଭାବେ କାର୍ଯ୍ୟ କରିପାରୁନାହିଁ। ଏ କ୍ଷେତ୍ରରେ ଜନ ଅସଚେତନତା ଦାୟୀ। ଭାରତ ପରି ବିଶ୍ୱର ସର୍ବବୃହ ଗଣତାନ୍ତ୍ରିକ ରାଷ୍ଟ୍ର ଓ ବିକାଶଶୀଳ ପ୍ରମୁଖ ରାଷ୍ଟ୍ର ମାନ୍ୟତା ପାଇଥିବା ଏହି ସର୍ବବୃହ ରାଷ୍ଟ୍ରରେ ବିଭିନ୍ନ ସମୟରେ ପରମ୍ପରା ଜନିତ ଅନ୍ଧବିଶ୍ୱାସ, ଆର୍ଥିକ ଦୁଃସ୍ଥିତି, କେତେକ ସାମାଜିକ ବିଡ଼ମ୍ବିତ ବିଧି ବ୍ୟବସ୍ଥା, ମହିଳାମାନଙ୍କ ପ୍ରତି ପ୍ରତିକୂଳ ଚିନ୍ତନ ପରି କାରଣ କନ୍ୟାଭ୍ରୂଣ ହତ୍ୟାକୁ ପ୍ରୋତ୍ସାହିତ କରୁଛି। ଆଜି କୌଣସି କ୍ଷେତ୍ରରେ ଝିଅଟି ପୁଅ ଠାରୁ ବି କମ୍ ନୁହେଁ। କେତେକ କ୍ଷେତ୍ରରେ ଝିଅମାନେ ଘର ସଂସାର ନ କରି ନିଜର ବାପା ମାଆଙ୍କ ସେବା ପାଇଁ ନିଜର ସଂସାର କରୁନାହାଁନ୍ତି। କେତେକ କ୍ଷେତ୍ରରେ ଝିଅମାନେ ପରଲୋକଗତ ବାପମାଆଙ୍କୁ ମୁଖାଗ୍ନି ଦେଉଛନ୍ତି। ତେଣୁ ଏ କ୍ଷେତ୍ରରେ ସଚେତନତା ସବୁଠାରୁ ବଡ଼ କଥା। ସରକାରୀ ସ୍ତରରେ ସ୍ତ୍ରୀ ଓ ପ୍ରସୂତୀ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଅଗମ୍ୟ ଆଦିବାସୀ ଅ ଳ ହେଉ ବା ଗ୍ରାମା ଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ତେବେ ମହିଳାମାନଙ୍କ ସ୍ୱାଧିକାର ହେଉ ବା ପ୍ରଗତି ବା ସୁରକ୍ଷା ସରକାରୀ ଯୋଜନାକୁ ସେମାନଙ୍କ ପାଖରେ ପହ ାଇବା ପାଇଁ ଆହୁରି ସଂଗ୍ରାମ ଲୋଡ଼ା। ଏ କ୍ଷେତ୍ରରେ ଦାୟିତ୍ୱ ସମସ୍ତଙ୍କର।

**ଡାକ୍ତର ଶୁଭଶ୍ରୀ ମିଶ୍ର**, ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୮୬୧୪୬୩୪୦୬

# ଧର୍ମଶାଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ




ଧର୍ମଶାଳା (ପିଏନ୍): ଧର୍ମଶାଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ପକ୍ଷରୁ ସଭାପତି ଜଳଧର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ମହାସଚିବ ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲ୍ଲାପରିଷଦ ସଭ୍ୟା ପ୍ରଣତି ଲେଙ୍କା, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ନିର୍ବାଚନ ମଣ୍ଡଳୀ ସଭାନେତ୍ରୀ ରେଣୁବାଳା ଶତପତୀ,ଜିଲ୍ଲା ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ଶତାଧିକ ବିଜେଡି କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ଧର୍ମଶାଳା ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଂଟନ କରିଥିଲେ । ପରେ ଏମାନେ ଛତିଆସ୍ଥିତ ବୃଦ୍ଧାଶ୍ରମକୁ ଯାଇ ସେଠାରେ ରହୁଥିବା ଅନ୍ତେବାସୀମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ବଂଟନ କରିଥିଲେ । ପରେ ବନ୍ଧଢିହସ୍ଥିତ ବାଳାଶ୍ରମ ଅନ୍ତେବାସୀଙ୍କୁ ଛତୁଆ ଓ ବସ୍ତ୍ର ବଂଟନ କରିଥିଲେ । ସେହିପରି ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ଶହ ଶହ ଯୁବ ଓ ଛାତ୍ର ବିଜେଡି କର୍ମକର୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଏକ ବିରାଟ ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ନାରାବାଜି କରି ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ପହଁଚି ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରି ଜଳାଭିଷେକ କରିବା ସହ ମନ୍ଦିରରେ ଦୀପଦାନ କରିଥିଲେ । ପରେ ଏମାନେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଁଚି ଦୀପଦାନ କରିଥିଲେ । ପରେ ଏମାନେ ଅଂତିରା ଆଦିବାସୀ ପରିବାରଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେକ କାଟିବା ସହ ଲୋକମାନଙ୍କୁ ବସ୍ତ୍ର ବଂଟନ କରିଥିଲେ । ଏହି ଅବସରରେ ଗାର୍ଲସ ଉଇଙ୍ଗ ପକ୍ଷରୁ ଖିରାବ୍ଧି ତନୟା ମଲିକ ଓ ଜିଲ୍ଲାପରିଷଦ ସଭ୍ୟା ସ୍ମୃତିରେଖା ବେହେରାଙ୍କ ନେତୃତ୍ୱରେ ଏକ ଟିମ ଜେନାପୁର ହାଇସ୍କୁଲ ପରିସରରେ ସଫେଇ କାର୍ଯ୍ୟକରାଯାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରୋଗୀଙ୍କୁ ଫଳ ବ ନ

ଭୁବନେଶ୍ୱର (ପିଏନ୍)-ଭାରତର ଏକ ନମ୍ବର ମୁଖ୍ୟମନ୍ତ୍ରୀ ତଥା ଓଡିଶାର ଜନପ୍ରିୟ, ଦରଦି ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଅବସରରେ ବିଜୁ ଜନତା ଦଳ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ କ୍ୟାପିଟାଲ ହସ୍ପିଟାଲ ପରିସରରେ ଚିକିତ୍ସାରତ ରୋଗୀ ମାନଙ୍କୁ ଫଳ ବ ନ କରାଯାଇଛି। ଜିଲ୍ଲା ସଭାପତି ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ନିଆରା କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଓଡିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମୁଳତା କହଁର, କର୍ପୋରେଟର ଅମରେଶ ଜେନା, ବରିଷ୍ଠ ନେତା ସୁବାସ ପାତ୍ର, ରଂଜିତ ମହାପାତ୍ର, ବିର ି ନାରାୟଣ ମହାସୂପକାର, ଅମରଜିତ୍ ସେନାପତି, ରୁଦ୍ର ସାମ'ରାୟ, ସେକ୍ ନିଜାମୁଦିନ, ଭୋଳାନାଥ ମହାରଣା, ଆଲୋକ ପାଣିଗ୍ରାହୀ, ଶ୍ରୀଧର ଜେନା, ଭଗବାନ ଦାଶ, ସମରେନ୍ଦ୍ର ସାହୁ, ଛାତ୍ର ସଭାପତି ସୁବାସ ସାହୁ ଏବଂ ବିଜୁ ଜନତା ଦଳର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ତିନିଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଫଳ ବ ନ କରିଥିଲେ। ରୋଗୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜୟଗାନ କରି ଆଶୀର୍ବାଦ ପ୍ରଦାନ କରିବା ସହିତ ଦୀର୍ଘାୟୁ କାମନା କରିଥିଲେ।

## ବିଜୁ ଯୁବଜନତା ଦଳ ତରଫରୁ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର (ପିଏନ୍)-ବିଜୁ ଯୁବ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୭୭ତମ ଜନ୍ମଦିନ ଉପଲକ୍ଷେ ବାଲେଶ୍ୱର ଷ୍ଟେସନ କ୍ଲବରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ କୈଳାଶ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ବରିଷ୍ଠ ନେତା ରଞ୍ଜନ ବାଗ, ରାଜ୍ୟ ଯୁବ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ରାଜ୍ୟ ବିଜେଡ଼ି ଯୁବ ସଭାପତି ତାପସ ପରିଡ଼ା, ଟାଉନ ରାଜ୍ୟ ମହିଳା ସଂପାଦିକା ଦୀପାରାଣୀ ସାହୁ, ରାଜ୍ୟ ଯୁଗ୍ମ ସଂପାଦକ ସତ୍ୟରଞ୍ଜନ ଦାସ, ବରିଷ୍ଠ ନେତା ଯଯାତି ଦାସ, ଦୀଲ୍ଲିପ ମହାନ୍ତି, କାଉନସିଲର ମୀତା ପଟ୍ଟନାୟକ, କବିତା ମୁର୍ମୁ, ସନ୍ଧ୍ୟାରାଣୀ ଜେନା, ସବିତାରାଣୀ ଦାସ, ସେକ୍ ଆୟୁବ, ପୂର୍ବତନ କାଉନସିଲର ବିଶ୍ୱଜିତ୍ ମହାପାତ୍ର, ଇତିକୃଷ୍ଣ ସ୍ୱାଇଁ, ସଞ୍ଜୟ ବେହେରା, ଜୋନାଲ ଯୁବ ସାଧାରଣ ସଂପାଦକ ଧିରେନ ନାୟକ, ସଦର ନିର୍ବାଚନମଣ୍ଡଳୀ ଯୁବ ସଭାପତି ସେକ୍ ଅନସର, ଟାଉନ ଯୁବ ସଭାପତି ଉମାଶଂକର ତିଆଡ଼ି, ଛାତ୍ରନେତା ବିଭୁଦ ପରିଡ଼ା, ୨୬ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସୋନାଲୀ ବିଶ୍ୱାଳ, କା ିକ ସାହୁ, ଏସି ସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉଭୟ ଟାଉନ ଓ ବ୍ଲକ ବିଜୁ ଯୁବ ଜନତା ଦଳର କର୍ମକ ାମାନେ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ ୧୦୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

**DISPLAY CLASSIFIED**

FOR ADVERTISEMENT
CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସହରବାସୀଙ୍କ ଦୀର୍ଘଦିନର ଦାବୀ ପୂରଣ : କଟକ ରେଳଷ୍ଟେସନକୁ ଓଏମପି-ଶିଖରପୁର ହେବ ମୁଖ୍ୟ ପ୍ରବେଶ ଦ୍ୱାର

କଟକ, (ପି.ଏନ): କଟକ ସହରବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି । ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଉଦ୍ୟମ, ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ଓ ଜିଲ୍ଲାପାଳ ଭବାନୀ ଶଙ୍କର ଚୟିନୀଙ୍କ ଆନ୍ତରିକତା ଫଳରେ ଏହା ସମ୍ଭବ ହୋଇପାରିଛି । ରେଳଯାତ୍ରୀମାନଙ୍କ ସୁବିଧା ନିମନ୍ତେ ପୂର୍ବତଟ ରେଳପଥ କଟକ ଷ୍ଟେସନର ପଛପଟ ଗେଟକୁ ୧୬ନଂ ଜାତୀୟ ରାଜପଥ ସହ ସଂଯୋଗୀକରଣ କରାଯିବା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତ ହୋଇଛି । ୬ଶହ ୧୧ ଡେସିମିଲ ପରିମିତ ଜମିରେ ଓଏମପି ଓ ଶିଖରପୁର ଦେଇ ଷ୍ଟେସନକୁ ନିର୍ମାଣ ହେବ ରାସ୍ତା । ଏହି ରାସ୍ତା ନିର୍ମାଣ ହେଲେ ସହରବାସୀଙ୍କ ସମେତ କେନ୍ଦ୍ରପଡା ଓ ଜଗତସିଂହପୁରରୁ ଆଦି ଜିଲ୍ଲାରୁ ଆସୁଥିବା ଲୋକେ ଖୁବଶୀଘ୍ର ଷ୍ଟେସନରେ ପହଂଚି ପାରିବେ । ଗୁରୁବାର ଅପରାହ୍ନରେ ବରିଷ୍ଠ ପଦାଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପୂର୍ବତନ ବିଧାୟକ ଡଃ ବିଶ୍ୱାଳ । ଗତ ୨୦୦୮ ମସିହାରୁ ତତ୍ ?କାଳୀନ କଟକ ଜିଲ୍ଲାପାଳ କିଶୋର ମହାନ୍ତି,ଏସ. ଏନ ଗିରିଶ, ନିର୍ମଳ ଚନ୍ଦ୍ର ମିଶ୍ର ପ୍ରଭୃତି ଜିଲ୍ଲାପାଳମାନଙ୍କ ସହ ପୂର୍ବତନ ବିଧାୟକ ଡଃ ବିଶ୍ୱାଳ ଓଏମପି ଡାକବଙ୍ଗଳାରେ ଅଂଚଳର ବରିଷ୍ଠ ମୁରବୀ ଶରତ ପ୍ରଧାନ, ସରୋଜ କୁମାର ମହାନ୍ତିଙ୍କ ସହ ଜମି ଅଧିଗ୍ରହଣକୁ ନେଇ ଜମିମାଲିକ ବିଷ୍ଣୁ ଚରଣ ନାୟକ ଓ ପ୍ରଦୀପ କୁମାର ଶତପଥିଙ୍କ ସହ ୩ଥର ଏବଂ ଜିଲ୍ଲାପାଳଙ୍କ ବାସଭବନରେ ୨ଥର ଆଲୋଚନା କରିଥିଲେ । ଫଳରେ ଜମି ମାଲିକ ଦ୍ୱୟ ରାଜି ହୋଇଥିଲେ। ଦୀର୍ଘଦିନର ବ୍ୟବଧାନପରେ ଜମିଅଧିଗ୍ରହଣ ହୋଇଛି । ଉକ୍ତ ଜମି ଅଧଗ୍ରହଣ ବାବଦକୁ ବିଷ୍ଣୁ ଚରଣ ନାୟକଙ୍କ ୧୫୪ ଡେସିମିଲି ଜମିକୁ ୨କୋଟି ୪୨ ଲକ୍ଷ ୭୮ ହଜାର ୬୯୪ ଟଙ୍କା, ପ୍ରଦୀପ କୁମାର ଶତପଥୀଙ୍କ ୪୯ ଡେସିମିଲି ଜମିକୁ ୭୧ ଲକ୍ଷ ୪୦ ହଜାର ଓ ସତ୍ୟସୁନ୍ଦର ମିଶ୍ର ଓ ଅନ୍ୟ ୭ ଜଣଙ୍କ ୬୨ ଡେସିମିଲି ଜମିକୁ ୯୯ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଥିସହିତ ଓଏମପି ଷଷ୍ଠ ବାଟାଲିଅନର ୩୪୬ ଡେସିମିଲି ତଥାସର୍ବମୋଟ ୬୧୧ ଡେସିମିଲ ଜମି ଅଧିଗହଣ କରାଯାଇଛି । ଏଥି ?ନିମନ୍ତେ ରାଜ୍ୟ ସରକାର ୪.୧୩ କୋଟି ଟଙ୍କା ପ୍ରଦାନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ସହରବାସୀଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ଚାରି କୋଟି ତେର ଲକ୍ଷ ପ୍ରଦାନ କରିଥିବାରୁ ତାଙ୍କୁ ପୂର୍ବତନ ବିଧାୟକ ଡ଼ଃ ବିଶ୍ୱାଳ କୃତଜ୍ଞତା ଜଣାଇବା ସହିତ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନିଙ୍କୁ ମଧ୍ୟ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।ଏହି କ୍ଷେତ୍ର ପରିଦର୍ଶନ ସମୟରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡଃ ସୁରେଶ ଚନ୍ଦ୍ର ଦଳାଇ, ପୂର୍ତ୍ତ ବିଭାଗ-୨ର ଅଧକ୍ଷଣ ଯନ୍ତ୍ରୀ ଇଂ ଅନୁପ କୁମାର ବେହେରା, ସହକାରୀ ଯନ୍ତ୍ରୀ ଇଂ ଜ୍ୟୋତିରଞ୍ଜନ ପତି, ୪୬ ଓ ୪୭ନଂ କର୍ପୋରେଟର ପ୍ରଳୟା ବେଉରା, ଇଂ ସୁବ୍ରତ ଘଡାଇ, ଇଂ ଆଶିସ କୁମାର ସ୍ୱାଇଁ, ସମାଜସେବୀ ସଂଜୟ ଜେନା, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିମେଳା ହାଇସ୍କୁଲ ର ୨୦୦୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲା ବାଲିମେଳା ଟାଉନ ହଲ ଠାରେ ବାଲିମେଳା ହାଇସ୍କୁଲ ର ୨୦୦୦ମସିହା ମାଟ୍ରିକ ବ୍ୟାଚ ର ଛାତ୍ର ଛାତ୍ରୀ ଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି । କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ଅତିଥି ତଥା ପଢି ଆସିଥିବା ବିଦ୍ୟାଳୟ ଓ କଲେଜର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ହଳଦୀ ପାଣିରେ ପାଦ ଧୋଇ ଫୁଲ ଚନ୍ଦନ ଲଗାଇ ମଂଚ ଉପରକୁ ଆମନ୍ତ୍ରିତ କରାଯାଇଥିଲା । ଏହାପରେ ସମସ୍ତ ଅତିଥି ମାନେ ଦିବଙ୍ଗତ ଶିକ୍ଷକ ରାଜକିଶୋର ମହାନ୍ତି, ସୁବାଷ ଚନ୍ଦ୍ର ମହାନ୍ତି , ବିବେକାନନ୍ଦ ରାଉତରାୟ ଙ୍କ ତୈଳଚିତ୍ର ରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିରବ ପ୍ରାଥନା କରିଥିଲେ । ୨୦୦୦ମସିହାର ଛାତ୍ର ଦେବୀପ୍ରସାଦ ଗୌଡ଼ ସ୍ୱାଗତ ଭାଷଣ ଦେବା ସହ ବାଣିଶ୍ରୀ କଳା ନିକେତନ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇ ଥିଲା । ସଭା କାର୍ଯ୍ୟ ଆରମ୍ଭରେ ସମସ୍ତ ଛାତ୍ର ଛାତ୍ରୀ ନିଜର ସ୍ମୃତି ଚାରଣ କରିଥିଲେ।

## ଦେଢମାସ ବ୍ୟାପୀ ପାଳିତ ନରିପୁରରେ ଶ୍ରୀରାମ ନବମୀ, ଧୁମ୍‌ଧାମରେ ପାଣିକୁ ଗଲେ ମୂର୍ତ୍ତି

ଭଦ୍ରକ, (ପି.ଏନ):- ଭଦ୍ରକ ସହର ନରିପୁର ଅସ୍ଥଳ ଗ୍ରାମ ସ୍ଥିତ ମା' ବୁଢୀ ଜାଗୁଳାଇ ଜାଡ଼ି ବାସୁଳୀ ପାର୍ଶ୍ୱ ରାମ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ ରାମ ନବମୀ ଠାରୁ ଏକମାସ ୧୨ ଦିନ ଧରି ପାଳିତ ହୋଇଛି। ଗତକାଲି ଏହାର ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି । ଏଥିରେ ପୂଜା କର୍ମକର୍ତ୍ତା, କାଉନସିଲର, ସାମ୍ବାଦିକ, ଶୁଭେଚ୍ଛୁ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜା କର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତୀ ଶ୍ରଦ୍ଧାଳୁମାନେ ଦର୍ଶନ କରିଥାଆନ୍ତି। ଦୈନନ୍ଦିନ ବିଗ୍ରହଙ୍କଠାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ପାଲା, ପାରାୟଣ, ହନୁମାନ ଚାଳିଶାପାଠ, ଧର୍ମ ଚର୍ଚ୍ଚା ହେବା ସହ ବିଶିଷ୍ଟ ସଂଗୀତଜ୍ଞ ଶ୍ରୀଚରଣ ମହାନ୍ତିଙ୍କ ଟ୍ରୁପ୍‌ଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳି ଭୋଗ ଲାଗି ହୋଇ ପ୍ରସାଦ ସେବନ ସମସ୍ତେ କରିଥାନ୍ତି। ଉଲ୍ଲେଖ ଯୋଗ୍ୟ ଯେ ପାଳି ଭୋଗ ଶେଷ ନହେବା ଯାଏ ପ୍ରଭୁ ପୂଜା ପାଇଥାନ୍ତି। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା, ହନୁମାନଙ୍କ ବିଗ୍ରହ ମେଢ ଏକ ଶୋଭାଯାତ୍ରାରେ ଘ ବାଦ୍ୟ, ଶାଙ୍ଖ ଧ୍ୱନୀରେ ଗ୍ରାମରୁ ନିଆଯାଇ ନଗର ପରିକ୍ରମା ସମୟରେ ବଲାଙ୍ଗୀରର ଦୁଲ୍‌ଦୁଲି, ପୁରୀ ସାହିଯାତ, ଘୋଡ଼ାନାଚ, ଦଶଭୂଜା ମା'କାଳୀ, ନୃସିଂହ, ଶ୍ରୀଗଣେଶ, ନାଗାର୍ଜୁନ ବେଶ ପ୍ରଦର୍ଶନ ହୋଇଥିବାରୁ ଜନସାଧାରଣ ଏବଂ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଶ୍ରୀରାମ ନବମୀ ପାଳନର ବିଭିନ୍ନ ଦିବସରେ ବିଧାୟକ ସଂଜୀବ କୁମାର ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯୁବନେତା ସୂର୍ଯ୍ୟକୁମାର ଦାସ, କାଉନସିଲର ଗୀତାଞ୍ଜଳୀ ଦାସ, ପୂର୍ବତନ କାଉନସିଲର ତଥା ଶ୍ରୀରାମ ନବମୀ ପୂଜା କମିଟି ସମ୍ପାଦକ ଗଜେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଅମର ନାୟକ, ଦୁର୍ଗାଶଙ୍କର ବିଶ୍ୱାଳ, ସମାଜସେବୀ ବୀରେନ୍ଦ୍ର ଦାସ, ସତ୍ୟ ଦାସ, ମୃତ୍ୟୁଞ୍ଜୟ ମହାପାତ୍ର, ସୁଧର ପାଢୀ, ପତିତପାବନ ଦାଶ, ଶିକ୍ଷାବିତ୍ ତ୍ରିଲୋଚନ ନାୟକ, ବାସୁଦେବପୁର ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ଆକାଶବାଣୀ ସମ୍ବାଦଦାତା ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଶ୍ରୀରାମ ନବମୀ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଯେ ୧୯୮୫ରୁ ଅଦ୍ୟାବଧି ୩୮ବର୍ଷ ଧରି ପୂଜା କମିଟି ସମ୍ପାଦକ ଶ୍ରୀ ଗଜେନ୍ଦ୍ର ପଣ୍ଡା, ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଅସ୍ତଳ ଶ୍ରୀରାମ ମଣ୍ଡପର ଉନ୍ନତି ଓ ବିକାଶ ଉପରେ ବିଭିନ୍ନ ଦାବି ବିଧାୟକ ସଂଜୀବ ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେମାନେ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଭସାଣ ଶୋଭାଯାତ୍ରା ଶେଷ ହୋଇ ସାଳନ୍ଦୀ ନଦୀଘାଟରେ ବିସର୍ଜନ କରାଯାଇଥିଲା। ଭସାଣ ଯାତ୍ରାରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିବା ବେଳେ ଶୋଭାଯାତ୍ରାରେ ଶତାଧିକ ପୁରୁଷ ମହିଳା ଯୋଗ ଦେଇଥିଲେ। ଇତି ମଧ୍ୟରେ ଏହି ଅସ୍ତଳ ଗ୍ରାମର ସାର୍ବଜନୀନ ମା' ଶୀତଳା ଦେବୀଙ୍କ ପୂଜା ଉତ୍ସବ ଓ ଭସାଣି ହୋଇଯାଇଛି।

## ୨୦୨୩ ଏସ୍‌ଇବିସି ତାଲିକାରେ ଡଗରା ଉପଜାତି ସ୍ଥାନିତ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ

ଭଦ୍ରକ, (ପି.ଏନ):- ଓଡ଼ିଶା ରାଜ୍ୟ ପଛୁଆବର୍ଗ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ତଥା ଘୋଷିତ ୨୦୨୩ ଏସ୍‌ଇବିସି ଜାତି ତାଲିକାରେ ଡଗରା (ପାଇକ ସର୍ଦ୍ଦାର) ଉପଜାତି ସ୍ଥାନିତ ହୋଇନଥିବା ନେଇ ତିହିଡି ବ୍ଲକ୍‌ର ଅଧିବାସୀମାନେ ଆଜି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତିହିଡି ବ୍ଲକ୍ ଅଧୀନସ୍ଥ ଗୋପାଳ ମାଧବ, ଦୋଳସାହି, ଅଚକ, ନନ୍ଦପୁର, ସୟା, ନୟାନନ୍ଦ, ଭଂଜନଗର ଆଦି ଗାଁର ବହୁ ଡଗରା ଉପଜାତିର ପ୍ରମୁଖମାନେ ଆଜି ଜିଲା ପ୍ରଶାସନକୁ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏମାନଙ୍କ ଦାବି ହେଲା ଯେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ୩୫୧୬ ପୃଷ୍ଠାରେ ବର୍ଣ୍ଣିତ ଡଗରା ଶବ୍ଦର ପ୍ରକୃତ ଆକ୍ଷରିକ ଅର୍ଥ ହେଉଛି 'ପାଇକ ସର୍ଦ୍ଦାର' ବା ଖଣ୍ଡାୟତ। ତେବେ ଡଗରା ଉପଜାତିର ଓଡ଼ିଶାବାସୀ ହୋଇଥିଲେ ମଧ୍ୟ ଲଘୁସଂଖ୍ୟା ଯୋଗୁଁ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ଦ୍ୱାରା ରାଜ୍ୟରେ ଯେଉଁ ଏସ୍‌ଇବିସି ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂପର୍କିତ ସର୍ଭେ ଚାଲିଛି, ସେହି ୨୧୦ ଜାତି ପ୍ରାୟ ୪୦ ଉପଜାତି ତାଲିକାରେ ଡଗରା (ପାଇକ ସର୍ଦ୍ଦାର) ଉପଜାତିର ନାମ ଜାତି ତାଲିକାରେ ନାହିଁ। ଯାହାକି ଏସ୍‌ଇବିସି ସର୍ଭେ ପୋର୍ଟାଲ ୨୦୨୩ ର କୋଡ୍ ନଂ ୧୩୮ ରେ ସ୍ଥାନିତ ହେବା କଥା। ଏହି ଗୋଷ୍ଠୀ ପ୍ରତି ଓଡ଼ିଶା ସରକାରଙ୍କର ବୈମାତୃକ ମନୋଭାବ ଏହି ଜାତିର ଲୋକଙ୍କ ମାନସିକ ଓ ସାମାଜିକ ସ୍ଥିତିକୁ ଦୋହଲାଇ ଦେଇଛି। ପ୍ରକାଶଯୋଗ୍ୟ ଗତ ୧୯୭୫ ରୁ ୮୫ ମଧ୍ୟରେ ଓଡ଼ିଶା ରାଜ୍ୟରେ ଚକବନ୍ଦୀ ନାମକ ଯେଉଁ ଭୂବନ୍ଦୋବସ୍ତ ହୋଇଥିଲା, ସେହି ଭୂବନ୍ଦୋବସ୍ତରେ ଜମିପଟ୍ଟା (ଖତିୟାନ) ବ ।ଯାଇଥିବାବେଳେ ଡଗରା ଜାତିର କେତେକ ଲୋକଙ୍କର ଜାତି ସ୍ଥାନରେ ଖଣ୍ଡାୟତ ବସିଥିବାବେଳେ ଆଉ କେତେକଙ୍କର ଖତିୟାନରେ ଜାତି ଡଗରା ରହିଛି ବୋଲି ଦର୍ଶାଯାଇଛି।

## ଇଟାଗଡି ପ୍ରାଥମିକ ବିଦ୍ୟାଳୟକୁ ମିଳିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପ ।ୟତ ଅଧୀନ ଇଟାଗଡ଼ି ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି। ଏ ନେଇ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଓଡିଶା ସରକାର ଅତିରିକ୍ତ ଶିକ୍ଷା ସଚିବଙ୍କ ଚିଠି ନଂ ୧୧୩୪୫ ତାରିଖ ୧୦.୫.୨୩ରେ ସୂଚନା ଦିଆଯାଇଛି। ଏହି ଖବର ଜଣାପଡ଼ିବା ପରେ ଇଟାଗଡି ଗ୍ରାମର ଗ୍ରାମବାସୀ ଛାତ୍ର ଛାତ୍ରୀ ମାନଙ୍କର ଅଭିଭାବକ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି। ପ୍ରକାଶ ଯେ, ଇଟାଗଡ଼ି ଗ୍ରାମର ଭୋଳାନାଥ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କର ହଠାତ୍ ଦେହାନ୍ତ ପରେ ବିଦ୍ୟାଳୟର ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଯାଇଥିଲା। ତେବେ ସ୍କୁଲକୁ କିପରି ବ ।ଇ ରଖିହେବ ସେ ନେଇ ଇଟାଗଡି ପ୍ରାଥମିକ ବିଦ୍ୟାଳୟ ଆଲୁମୁନି କମିଟିର ସଭାପତି ଗଣେଶ ପ୍ରସାଦ ରାଉତ, ଡା. ଦୁର୍ଯ୍ୟୋଧନ ଦାସ, ଲକ୍ଷ୍ମୀଧର ସେଠୀ, ସୁଶିଲ ଖଟୁଆ, ଭାବଗ୍ରାହୀ ମଲ୍ଲିକ, ଦୀନବନ୍ଧୁ ରାଉତ, ଶ୍ରୀକାନ୍ତ କୁମାର ସେଠୀ, ଦେବେନ୍ଦ୍ର ଖଟୁଆ, କିଶୋର କୁମାର ଖଟୁଆ, ଜୟକୃଷ୍ଣ ପରିଡ଼ା, ସନ୍ତୋଷ କୁମାର ଖୁଆ, ଧନେଶ୍ୱର ଗର, ଅକ୍ଷୟ କୁମାର ବେହେରାଙ୍କ ଉଦ୍ୟମରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଇଟାଗଡ଼ି ପ୍ରାଥମିକ ସ୍କୁଲ ସହ ଭୋଳାନାଥ ଉପ୍ରା ବିଦ୍ୟାଳୟକୁ ମିଶାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ଦିଆଯିବାକୁ ବ୍ଲକ ଶିକ୍ଷାଧିକାରୀ ଡିପିସିଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଡିପିସି ଅନୁମୋଦନ ପାଇଁ ଓସେପାକୁ ପଠାଇଥିଲେ। ପରେ ଏହି ପ୍ରସ୍ତାବକୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅନୁମୋଦନ କରିଥିଲା। ସେଥିପାଇଁ ବିଦ୍ୟାଳୟ ତରଫରୁ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସୂଦନ ସେଣ୍ଠ, ଜିଲ୍ଲା ଶିକ୍ଷା ଅଧିକାରୀ କପୀଳେନ୍ଦ୍ର ମିଶ୍ର, ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ଓସେପା ନିର୍ଦ୍ଦେଶକ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଶିକ୍ଷା ସଚିବ, ଅତିରିକ୍ତ ଶିକ୍ଷା ସଚିବଙ୍କୁ କୃତଜ୍ଞତା ଜଣାଇବା ସହିତ ସହଯୋଗ କରିଥିବା ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ଓ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସରକାରୀ ସ୍ତରରେ ଓସେପାର ଶ୍ରୀବତ୍ସ ପଟେଲ, ଗଣଶିକ୍ଷା ବିଭାଗର ଶୁଭ୍ରାଂଶୁ ମିଶ୍ର ଏବଂ ଡିପିସି ଅଫିସ ଭଦ୍ରକର ବିଭୁ ପ୍ରସାଦ ରାଉତ ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ବୋଡ଼କ ପ ।ୟତର ଓରାଳି ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଥିବା ଜଣାଯାଇଛି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ କମିଟି ବୈଠକ

ଛତ୍ରପୁର , (ପି.ଏନ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ କମିଟି ବୈଠକ ଆଭାସୀ ମାଧ୍ୟମରେ ଗୁରୁବାର ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗଞ୍ଜାମ ଜିଲ୍ଲା ସଦାସର୍ବଦା ସଜାଗ ରହିଛି । ବିଶେଷ କରି ବିଜୁଳି, ଘଡଘଡି ଆଘାତ ଜନିତ କ୍ଷୟକ୍ଷତି ଯେପରି ହେବ ନାହିଁ ସେ ଦିଗରେ ତତ୍ପର ରହିବାକୁ ସମସ୍ତ ସଂପୃକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ । ପୂର୍ବ ବର୍ଷ ମାନଙ୍କରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି ଏହି ଜିଲ୍ଲା ସୁନାମ ଆଣି ଜାତୀୟ ସ୍ତରରେ ସମ୍ମାନୀତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ଅଭିଜ୍ଞତାକୁ ନେଇ ଏହି ଜିଲ୍ଲା ଆଗାମୀ ଭବିଷ୍ୟତରେ ଆସୁଥିବା ବିପର୍ଯ୍ୟୟକୁ ମଧ୍ୟ ମୁକାବିଲା କରିବାରେ ସକ୍ଷମ ହୋଇ ପାରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ବ୍ୟକ୍ତ କରିଥିଲେ । ପାଣିପାଗ ବିଶେଷଜ୍ଞ ମାନଙ୍କ ଆକଳନ ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଓଡିଶା ପ୍ରତି ବିପଦ ନାହିଁ । ତଥାପି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସଦା ସର୍ବଦା ପ୍ରସ୍ତୁତ ରହିବା ଅପରିହାର୍ଯ୍ୟ । ଏହି ଆଭିମୁଖ୍ୟ ନେଇ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କମିଟିରେ ଜିଲ୍ଲାର ସମସ୍ତ ସାଂସଦ, ବିଧାୟକ, ଲାଇନ୍ ବିଭାଗୀୟ ଅଧିକାରୀଗଣ ନିଜ ନିଜ ବକ୍ତବ୍ୟରେ ମୁକାବିଲା ସକାଶେ ସଜାଗ ଥିବା ଜଣାଇଥିଲେ । ପ୍ରାରମ୍ଭରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ନିଜ ବକ୍ତବ୍ୟରେ ଜିଲ୍ଲାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ଭୂୟସୀ ପ୍ରଶଂସା କରି ସମ୍ଭାବ୍ୟ ବନ୍ୟା, ବାତ୍ୟା ସକାଶେ ସମସ୍ତ ପ୍ରସ୍ତୁତି ଯୋରଦାର କରିବାକୁ ଜଣାଇଥିଲେ । ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ନିଜ ବକ୍ତବ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଯୋଗୁଁ ଓଡିଶା ଦେଶ ବିଦେଶରେ ସୁନାମ ଆଣିଛି । ଗଞ୍ଜାମ ଜିଲ୍ଲା ଏହାର ପରିଚାଳନା କ୍ଷେତ୍ରରେ ଓଡିଶାରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକରିଛି । ବିଶେଷ ଭାବରେ ବ୍ରହ୍ମପୁର ସହରରେ ଜମି ରହୁଥିବା ବନ୍ୟାଜଳର ନିଷ୍କାସନ ଦିଗରେ ପଦକ୍ଷେପ ନେବା ସମ୍ପର୍କରେ ମତ ରଖି ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଇତ୍ୟାଦି ବିଷୟରେ ଗୁରୁତ୍ୱ ଦେବାକୁ ଜଣାଇଥିଲେ ।

## ଭଦ୍ରକର ଚର୍ଚ୍ଚିତ ନୀଳକଣ୍ଠ ହତ୍ୟା ଘଟଣା, ୩ ମାସ ପରେ ମୁଖ୍ୟ ଅଭିଯୁକ୍ତକୁ ତାମିଲନାଡୁରୁ ଗିରଫ କଲା ପୁଲିସ୍

ଭଦ୍ରକ, (ପି.ଏନ): ଭଦ୍ରକର ବହୁ ଚର୍ଚ୍ଚିତ ଗ୍ରାମା ଳ ଥାନା ଅଧୀନସ୍ଥ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ଚରମ୍ପା ପ ।ୟତସ୍ଥିତ ରାଣୀତାଳ-ଧାମରା ରେଳପଥ ଓଭରବ୍ରିଜ୍ ନିକଟରେ ହତ୍ୟାର ଶୀକାର ହୋଇଥିବା ନୀଳକଣ୍ଠ ଓରଫ ରି ଦାଶ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ ଗ୍ରାମା ଳ ଥାନା ପୁଲିସ୍ ସୁଦୂରୁ ତାମିଲନାଡୁରୁ ଗିରଫ କରିଛି। ଏ ସଂପର୍କରେ ଆଜି ଭଦ୍ରକ ଗ୍ରାମା ଳ ଥାନାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସୌରଭ ଓଟା ଓ ଗ୍ରାମା ଳ ଥାନାଧିକାରୀ ଅମିତାଭ ଦାସ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଗତ ଫେବୃୟାରୀ ୨ ତାରିଖରେ ଭଦ୍ରକ ସହରା ଳ ଥାନା ଅଧୀନସ୍ଥ ଅସ୍ଥଳ ପୂଜାରୀସାହିର ଯୁବକ ଅଜୟ ଦାସର ମୃତ ଶରୀର ଅତ୍ୟନ୍ତ ବିଭତ୍ସ ଅବସ୍ଥାରେ ରାଣୀତାଳ ଧାମରା ରେଳପଥ ଓଭରବ୍ରିଜ୍ ନିକଟରୁ ଉଦ୍ଧାର ହୋଇଥିଲା। ସେତେବେଳେ ଏହି ହତ୍ୟାକାଣ୍ଡକୁ ନେଇ ତାର ପିତା ଅଜୟ ଦାଶ ଗ୍ରାମା ଳ ଥାନାରେ ଦେଇଥିବା ଅଭିଯୋଗ ପତ୍ର ମୂଳେ ତାଙ୍କ ପୁତ୍ର ନୀଳକଣ୍ଠ ୧ ତାରିଖ ଦିନ ଘରକୁ ଫେରିନଥିଲା। ତା ପରଦିନ ସେମାନଙ୍କ ପରିବାର ତାର ବିଭତ୍ସ ମୃତ ଶରୀର ଉପରୋକ୍ତ ସ୍ଥାନରେ ପଡିଥିବାର ଖବର ପାଇଥିଲେ। ଫଳରେ ସେମାନେ ଏହି ହତ୍ୟାକାଣ୍ଡରେ ପୂର୍ବ ଶତ୍ରୁତା ରହିଥିବାର ସନ୍ଦେହ କରି କେତେକ ଅଭିଯୁକ୍ତଙ୍କ ନାମ ପୁଲିସ୍‌କୁ କହିଥିଲେ। ତେବେ ପୁଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ କାଳରେ ପୁଲିସ୍ ମୋବାଇଲ୍ ଟ୍ରାକିଂ କରି ତିନିମାସ ପରେ ମୁଖ୍ୟ ଅଭିଯୁକ୍ତ କୁଆଁସ ଗ୍ରାମର ସାଗର ଦାସକୁ ତାମିଲନାଡୁରୁ ଗିରଫ କରି ଭଦ୍ରକ ଆଣିଥିଲା। ତେବେ ଆଜି ମୁଖ୍ୟ ଅଭିଯୁକ୍ତ ସାଗରକୁ କୋର୍ଟ ଚାଲାଣ କରାଯିବା ଅବସରରେ ଏସ୍‌ଡିପିଓ ଓ ଥାନାଧିକାରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ନୀଳକଣ୍ଠ ସହିତ ସାଗରର ପୂର୍ବ ଶତ୍ରୁତା ଲାଗି ରହିଥିଲା। ଘଟଣାଦିନ ରାଜଘାଟ ପୋଲ ନିକଟରେ ଉଭୟ ଦେଖା ହୋଇଥିଲେ। ସାଗର ତାକୁ ସାଙ୍ଗରେ ଏକ ଅଟୋ ଯୋଗେ ଡାକି ଜାତୀୟ ରାଜପଥ ଧାମରା ବ୍ରିଜ୍ ନିକଟକୁ ନେଇଥିଲା। ସେଠାରେ ସାଙ୍ଗରେ ମଦ ପିଇବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସାଗର ଉ ୍ୟକ୍ତ ହୋଇ ଘାସକଟା କତାରେ ନୀଳକଣ୍ଠର ମୁଣ୍ଡ, ମୁହଁ ଓ ବେକକୁ ହାଣିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା।

# ସୁମରବନ୍ଧରେ ମାଓ ବାଦୀଙ୍କ ବର୍ବର କାଣ୍ଡ, ପୂର୍ବତନ ସରପଂଚଙ୍କୁ ଗୁଳି କରି ହତ୍ୟା

କନ୍ଧମାଳ,(ପି.ଏନ): ଗତ କିଛିଦିନ ତଳେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ରେ ହୋଇଥିବା ମାଓ ଏନକାଉଣ୍ଟର ପରେ ରକ୍ତ ମୁଖା ହୋଇପଡିଛନ୍ତି ମାଓ ବାଦି। ଘଟଣା ପରେ ବର୍ତମାନ କନ୍ଧମାଳ ମୁହାଁ ମାଓବାଦୀ। ଘଟଣାକୁ ତିନିଦିନ ନପୂରୁଣୁ ଲାଲ ବାହିନୀ ପୋଲିସ ଇନଫର୍ମର ସନ୍ଦେହରେ ପୁଣି ଜଣେ ପୂର୍ବତନ ସରପଂଚଙ୍କୁ ଅତି ନୃଶଂସ ଭାବରେ ହତ୍ୟା କରିଛନ୍ତି। ତେବେ କନ୍ଧମାଳ ଜିଲ୍ଲାର ମାଓ ଅଧିସୁତ ଅଂଚଳ କୁହାଯାଉଥିବା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ସୁମେରବନ୍ଧ ପଂଚାୟତର ପୂର୍ବତନ ସରପଂଚ ସୁବଳ କହଁର ଙ୍କୁ ଅତି ନିର୍ମମ ଭାବରେ ମାଓ ବାଦି ମାନେ ହତ୍ୟା କରି ପୁଣି ଥରେ ନିଜର ସ୍ଥିତି ଜାହିର କରିଛନ୍ତି। ମୃତ ସୁବଳ କହଁର ଏହି ସୁମେର ବନ୍ଧ ପଂଚାୟତ ଗଠନ ହେବା ପରେ ପଂଚାୟତର ପ୍ରଥମ ସରପଂଚ ଭାବରେ ଦାୟିତ୍ୱ ନେଇଥିଲେ। ପଂଚାୟତ ର ସର୍ବାଙ୍ଗୀନ ଉନ୍ନତି ପାଇଁ ମଧ୍ୟ ବହୁ ପ୍ରଚେଷ୍ଟା କରିଥିଲେ। ଯାହାପାଇଁ ମାଓ ବାଦିଙ୍କ ଟାର୍ଗେଟ ରେ ଥିଲେ ସୁବଳ। ଅନେକ ଥର ସୁବଳ ଙ୍କୁ ମାଓବାଦିମାନେ ଧମକ ମଧ୍ୟ ଦେଇ ଆସୁଥିଲେ। ତେବେ ବୁଧବାର ରାତ୍ର ପ୍ରାୟ ୯ଟା ସମୟରେ ସୁବଳ ତାଙ୍କ ପରିବାର ସହ ତାଙ୍କ ପୈତୃକ ଗାଁ ସାଉଲି ପଡା ସ୍ଥିତ ନିଜ ଘରେ ସୋଇଥିବା ବେଳେ ୧୦ ରୁ ୧୫ ଜଣ ସଶସ୍ତ୍ର ମାଓବାଦୀ ତାଙ୍କୁ ଘରୁ ଡ଼ାକିନେଇ ତାଙ୍କ ଘର ଅଗଣାରେ ହିଁ ଗୁଳି କରି ହତ୍ୟା କରିଥିବା ସୂଚନା ମିଳିଛି। ଅନ୍ୟପଟେ ଘଟଣା ସ୍ଥଳରୁ ସୁମେରବନ୍ଧ ସିଆରପିଏଫ କ୍ୟାମ୍ପର ଦୂରତା ମାତ୍ର ଏକ କିଲୋ ମିଟର ହୋଇଥିବାବେଳେ କଡା ସୁରକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ଏଭଳି ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସ୍ଥାନୀୟ ଜନ ସାଧାରଣ। ତେବେ ଘଟଣାଟି ଗତକାଲି ରାତିରୁ ହୋଇଥିବାବେଳେ ବର୍ତମାନ ପର୍ଯ୍ୟନ୍ତ କୌଣସି ପୋଲିସ ଅଧିକାରୀ କିମ୍ବା ସୁରାକ୍ଷା କର୍ମୀ ଘଟଣା ସ୍ଥଳରେ ପହଂଚି ନଥିବା ଜଣା ପଡିଛି। ଅନ୍ୟପଟେ ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଭୟରେ ବାତାବରଣ ସୃଷ୍ଟି ହୋଇଥିବା ବେଳେ ସାଉଲ ପଡା ଗାଁ ଭୟରେ ଶୂନ୍ୟ ହୋଇଯାଇଥିବା ଜଣାପଡିଛି। ଅନ୍ୟପଟେ ଏହି ଘଟଣା ପରେ ସ୍ଥାନୀୟ ଅଂଚଳ ରେ କୁମ୍ବିଙ୍ଗ ଅପରେସନ କୁ ଜୋରଦାର କରାଯାଇଛି। ତେବେ ଗତକାଲି ମୃତ ସୁବଳ କହଁର ଘର ଭିତରେ ବସି ମୋବାଇଲ ଦେଖୁଥିବା ବେଳେ ପାଂଚରୁ ସତ ଜଣ ସଶସ୍ତ୍ର ମାଓ ବାଦି ତାଙ୍କୁ ଡାକିଥିଲେ। ଭୟରେ ସରପଂଚ ଜଣକ ଘର ପଛପଟୁ ଦଉଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଘର ପାଖ ବିଲ ମଝିରେ ପଛପଟୁ ଗୁଳି କରିଥିଲେ। ଗୁଳି ମାଡ଼ରେ ମୃତ ସରପଂଚ ଜଣକ ଟଳି ପଡିବା ପରେ ଏକ ଧାରୁଆ ଟାଙ୍ଗିଆ ରେ ଅତି ନିର୍ମମ ଭାବରେ ହତ୍ୟା କରିଛନ୍ତି। ତେବେ ଘଟଣା ପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକଙ୍କ ତତ୍ୱାବଧାନରେ ଘଟଣା ସ୍ଥଳରୁ ଶବକୁ ଏକ ଅଟୋ ସାହାଯ୍ୟରେ ସାଡିଙ୍ଗିଆ କୁ ଆଣିବା ପରେ ଏକ ଆମ୍ବୁଲାନ୍ସ ଯୋଗେ ପୋଲିସର କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶବକୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକତ୍ସାଳୟକୁ ପଠେଇ ଦିଆଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ। ଅନ୍ୟପଟେ ମାଓ ବାଦି ସରପଂଚଙ୍କୁ ହତ୍ୟା କରିସାରିବା ପରେ ମୃତ ଦେହ ପାଖରେ କିଛି ମାଓ ପୋଷ୍ଟର ଛାଡିଯାଇଛନ୍ତି। ପୋଷ୍ଟରରେ କେକେବିଏନ ଡିଭିଜନାଲ କମିଟି ଲେଖାଥିବା ବେଳେ ପୋଲିସ କୁ ଖବର ନଦେବା,ପୋଲିସ କଥାରେ ପଡି ନିଜ ମାନବିକତାକୁ ବିକନ୍ତୁ ନାହିଁ, ଅଧିବାସୀ ଓ ଦଳିତ ଯୁବକମାନେ ଆରଏସଏସ, ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳରେ ଯୋଗ ଦିଅନ୍ତୁ ନାହିଁ କାରଣ ସଙ୍ଘ ପରିବାର ଆଦିବାସୀ ଦଳିତ ମାନଙ୍କ ବିରୋଧୀ ବୋଲି ଉଲ୍ଲେଖ ଥିବା ବେଳେ ପୋଲିସ ଇନଫର୍ମର ବଦଳରେ କାମ ଦେବାପାଇଁ ସରକାରଙ୍କ ପାଖରେ ଦାବି କରନ୍ତୁ ବୋଲି ପଡ଼ିଥିବା ପୋଷ୍ଟରରେ ଉଲ୍ଲେଖ ରହିଛି।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ଖେଳ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍यवेक्षक
Bhubaneswar Saturday May 13, 2023 ଭୁବନେଶ୍ୱର ଶନିବାର, ମଇ ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ : କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସଫଳତା



ଭୁବନେଶ୍ୱର,(ପି.ଏନ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦ୍ୱାଦଶ ଶ୍ରେଣୀ ସ୍କୁଲ୍‌ର ଛାତ୍ରୀ ସ୍ନେହା ନାୟକ କଳାରେ ଓଡ଼ିଶା ଟପ୍‌ପର ହେବାର ଗୌରବ ଅର୍ଜନ କରିଛନ୍ତି। କଳା, ବାଣିଜ୍ୟ ଓ ବିଜ୍ଞାନରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଛାତ୍ରଛାତ୍ରୀମାନେ ପ୍ରଥମ ଶ୍ରେଣୀରେ ପାସ୍ କରିବା ସହ ଶତ ପ୍ରତିଶତ ସଫଳତା ଲାଭ କରିଛନ୍ତି। ସ୍କୁଲର ୩୫ ପ୍ରତିଶତ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ୍‌ର ଛାତ୍ର ଶୁଭମ୍ ସୋହନ ବିଜ୍ଞାନରେ ଓ ପ୍ରାଚୁର୍ଯ୍ୟ ମହାନ୍ତି ବାଣିଜ୍ୟରେ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ୍‌ର ସୁଶ୍ରୀ ମନିଷା ମଲ୍ଲିକ, ଅସ୍ମୁ ନାୟକ ଓ ଅଦିତି ନାୟକ ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖିଛନ୍ତି। ସ୍କୁଲ୍‌ର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି ଯେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ବାସ୍ତବ ଅର୍ଥରେ ଏକ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏବଂ ଏହା ସମଗ୍ର ଭାରତରେ ସର୍ବୋତ୍କୃଷ୍ଟ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ମଧ୍ୟରେ ଅନ୍ୟତମ। ଏହି ସ୍କୁଲ୍ ପ୍ରତିଷ୍ଠା ହେବା ଦିନଠାରୁ ଏହାର ଛାତ୍ରଛାତ୍ରୀମାନେ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଏହି ଅବସରରେ ସେ ସଫଳତା ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍କୁଲ୍‌ର ଚେୟରାପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଶ୍ରୀ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ କଲରାବାଙ୍କ ସ୍ମାର୍ଟ ଭିଲେଜସ୍ଥିତ କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲ୍ ଓ ସହରାଞ୍ଚଳ ଗରିବ ପିଲାଙ୍କ ପାଇଁ ଦିଲ୍ଲୀରେ ପ୍ରତିଷ୍ଠିତ କିସ୍-ଦିଲ୍ଲୀର ଛାତ୍ରଛାତ୍ରୀମାନେ ମଧ୍ୟ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ୍ କରିଛନ୍ତି। ଏଥିରେ ଶ୍ରୀ ସାମନ୍ତ ଆନନ୍ଦ ପ୍ରକାଶ କରି ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପୁଣି ବାଜିମାତ୍ ମାରିଲେ ପିୟୁଶ

ଭୁବନେଶ୍ୱର,(ପି.ଏନ): ୨୦୨୧ ସିବିଏସଇ ବୋର୍ଡ ପରୀକ୍ଷାରେ ୯୯.୨ ପ୍ରତିଶତ ନମ୍ବର ରଖି ଚର୍ଚ୍ଚାରେ ରହିଥିବା ପିୟୁଶ ପ୍ରିତମ ଜେନା ଏଥର ପୁଣି ବାଜିମାତ୍ ମାରିଛନ୍ତି। ଆଜି ପ୍ରକାଶିତ ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳରେ ୯୫.୨ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରେ ପଢୁଥିବା ପିୟୁଶ ସ୍କୁଲର ନାମ ଉଚ୍ଚ କରିବା ସହିତ ସ୍ଥାନୀୟ ଅଂଚଳର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି। ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନା ଓ ଭାଗ୍ୟଲକ୍ଷ୍ମୀ ଜେନାଙ୍କର ସେ ସୁପୁତ୍ର ଅଟନ୍ତି। ତାଙ୍କର ଏହି କୃତକାର୍ଯ୍ୟ ପାଇଁ ସ୍ଥାନୀୟ ଅଂଚଳର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ୨୨ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର



ମୁରିବାହାଲ,(ପି.ଏନ): କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବିଜେଡ଼ି ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ହଂସରାଜ ଜୈନଙ୍କ ତତ୍ତ୍ୱାବଧାନରେ ତଥା ଜୟପ୍ରକାଶ ଚେରିଟେବୁଲ ଟ୍ରଷ୍ଟର ସହଯୋଗରେ ଅନୁଷ୍ଠିତ ଶିବିରରେ ୨୨ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇ ରାଉରକେଲା ଜୟପ୍ରକାଶ ହସ୍ପିଟାଲ ପଠାଯାଇଥିଲା। ଜୟପ୍ରକାଶ ହସ୍ପିଟାଲରେ ମାଗଣାରେ ସଫଳ ଅସ୍ତ୍ରୋପଚାର ପରେ ହିତାଧିକାରୀ ଖୁସି ବ୍ୟକ୍ତ କରିଛନ୍ତି।

## ମେଧା ବୃତ୍ତି ପରୀକ୍ଷାରେ ପଙ୍କପାଳ ସରସ୍ୱତୀ ଶିଶୁ ମନ୍ଦିର ଜିଲ୍ଲାରେ ପ୍ରଥମ ଓ ରାଜ୍ୟରେ ଦ୍ୱିତୀୟ

ପାରାଦୀପ,(ପି.ଏନ): ଓଡିଶା ଶିକ୍ଷାବିକାଶ ସମିତି ଦ୍ୱାରା ପରିଚ଼ାଳିତ ସପ୍ତମ ଶ୍ରେଣୀ ପ୍ରାଦେଶିକ ମେଧା ପରୀକ୍ଷାରେ ପଙ୍କପାଳ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ତେଜସ୍ୱିନୀ ଦାଶ ସମଗ୍ର ରାଜ୍ୟରେ ୧୦ମ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମର ତାପସ କୁମାର ଦାଶ ଓ ସରସ୍ୱିନୀ କରଙ୍କ ଏକମାତ୍ର ଝିଅ ତେଜସ୍ୱିନୀ ପ୍ରାଦେଶିକ ମେଧା ବୃତ୍ତି ବ୍ୟତୀତ ବିଜ୍ଞାନ ପ୍ରଶ୍ନ ମଞ୍ଚ, ଭାରତୀକୃଷ୍ଣ ଗଣିତ ମେଧା ପରୀକ୍ଷା, ଜ୍ଞାନ ବିଜ୍ଞାନ ମେଳା, ବିଭିନ୍ନ ବକ୍ତୃତା ପ୍ରତିଯୋଗିତାରେ ମଧ୍ୟ ଜିଲ୍ଲା ଓ ରାଜ୍ୟ ସ୍ତରରେ ସୁନାମ ଆଣିଛନ୍ତି। ତେଜସ୍ୱିନୀ ଙ୍କ ସଫଳତା ପାଇଁ ପଙ୍କପାଳ ଶିଶୁ ବିଦ୍ୟାମନ୍ଦିର ପରିଚ଼ାଳନା ସମିତି, ସମସ୍ତ ଗୁରୁଜୀ ଓ ଗୁରୁମା ଶୁଭେଚ୍ଛା ଜଣାଇଛନ୍ତି। ସୂଚ଼ନାଥାଉକି ପଙ୍କପାଳ ଶିଶୁ ବିଦ୍ୟାମନ୍ଦିର ଜିଲ୍ଲାର ଏକ ନୂତନ ସ୍କୁଲ ହୋଇଥିଲେ ମଧ୍ୟ ଗୁରୁଜୀ ଗୁରୁମା ମାନଙ୍କର ଉନ୍ନତ ନିଷ୍ଠାପର ଶିକ୍ଷାଦାନ ପାଇଁ ତେଜସ୍ୱିନୀ ଏହି ମେଧା ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚ଼ିତ ହୋଇଛନ୍ତି। ତେବେ ଛାତ୍ରୀ ତେଜସ୍ୱିନୀ ଏବଂ ସ୍କୁଲର ଏହି ସଫଳତା ପାଇଁ କେନ୍ଦ୍ରୀୟ ଅଧିବକ୍ତା ପରିଷଦ ର କାର୍ଯ୍ୟକାରିଣୀ ସଦସ୍ୟ ତଥା ପାରାଦୀପ ବାର ଆସୋସିଏସନ ର ସାଧାରଣ ସମ୍ପାଦକ ତପନ କୁମାର ଦାଶ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଏସ୍‌ପ୍ଲାନେଡ୍‌ସ୍ଥିତ ସିନେପଲ୍ଲିସ୍‌ରେ ଘଟିଥିବା ସଂପ୍ରଦାୟିକ ହିଂସା ପ୍ରତିବାଦରେ ସହୀଦ ନଗର ଥାନାରେ ଏତଲା ଦେଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର (ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରସୁଲଗଡ଼ସ୍ଥିତ ଏସ୍.ପ୍ଲାନେଡ଼ ମଲର ସିନେପଲିସ୍‌ରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ଷଡଯନ୍ତ୍ର ପ୍ରତିବାଦରେ ସହୀଦ ନଗର ଥାନାରେ ଏକ ଏତଲା ଦରଜ କରାଯାଇଥିଲା। ଏହି ଏତଲାରେ ଉଲ୍ଲେଖ କରାଯାଇଛି ଯେ, ଯେଉଁମାନଙ୍କ ଉଦ୍ଦେଶ୍ୟ ହେଉଛି ରାଜଧାନୀକୁ ଅଶାନ୍ତ କରିବା, ରାଜ୍ୟ ପ୍ରଶାସନକୁ ହଇରାଣ କରିବାକୁ ଯାଇ ପୋଲିସକୁ ଚାଲେ ଦେବା ସେହିମାନେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଓ ନିର୍ଦ୍ଦିଷ୍ଟ ଗୈରିକ ରାଜନୈତିକ ଦଳ ସହ ସଂପୃକ୍ତ। ସେମାନେ ଗତ ୦୭/୦୫/୨୦୨୩ ରିଖ ସନ୍ଧ୍ୟା ସମୟରେ ଭୁବନେଶ୍ୱର ଉପକଣ୍ଠ ରସୁଲଗଡ଼ରେ ଥିବା ଏସ୍‌ପ୍ଲାନେଡ୍ ମଲ୍ଲରେ ନ୍ତଦି କେରଳ ଷ୍ଟୋରିନ୍ତ ନାମକ ସିନେମା ଦେଖିବା ସମୟରେ ଏକଜୁଟ ହୋଇ ସିନେମା ବିରତି ସମୟରେ ବାହାରକୁ ଆସି ଜାଣିଲେ ଯେ ଏହାର ମ୍ୟାନେଜର ଜଣେ ସଂଖ୍ୟାଲଘୁ ବା ମୁସଲମାନ ସଂପ୍ରଦାୟର। ଜାଣିଲା ପରେ ସେମ୍ଟନ ମ୍ୟାନେଜରଙ୍କୁ ଡାକି ମାଡ଼ ମାରିବା ସହ ପଠାଣ ବୋଲି କହିଥିଲେ। ମାଡ଼ ମାରି ତୋ ଗୋଡ଼ ହାତ ଭାଙ୍ଗି ଦେବୁ ଏବଂ କାଲି ସକାଳୁ ଯେମିତି ତୋତେ ଭୁବନେଶ୍ୱରରେ ନ ଦେଖିବୁ। ତମେ ଶଳା ଦେଶ ଦ୍ରୋହି ବୋଲି କହି ଧମକ ଚମକ୍ ଦେଇ ଚାଲିଲେ। ଏହା ମଧ୍ୟରେ ଜଣେ କାହିଁକି ଏସି ବନ୍ଦ କରିଛୁ ବୋଲି ମିଥ୍ୟା ଅଭିଯୋଗ ଆଣିଲେ ଓ ଜାତି ଏବଂ ଧର୍ମକୁ ନେଇ ଆକ୍ଷେପ କରିବା ପରେ ସେଠାରେ ଗୋଷ୍ଠି ହୋଇ ଆସିଥିବା ସମସ୍ତ ଦୁର୍ବୃତ ମିଳି ମିଶି ଅତର୍କିତ ଆକ୍ରମଣ କରିଲେ ଏବଂ ଏହି ସମସ୍ତ ଘଟଣାକୁ ମୋବାଇଲ ଫୋନରେ ଭିଡ଼ିଓ ଉତୋଳନ କରିଲେ ଓ ଭାଇରାଲ କରିଲେ। ଯାହାଙ୍କର ଉଦ୍ଦେଶ୍ୟ ହେଉଛି ଦଙ୍ଗା ସୃଷ୍ଟି କରିବା, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ନାମରେ ବିଦ୍ୱେଷ ମନୋଭାବ ତିଆରି କରିବା ଓ ରାଜ୍ୟକୁ ଅଶାନ୍ତ କରିବା। ଆପଣ ଜାଣନ୍ତି ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ, ଯେଉଁଠି ହିନ୍ଦୁ, ମୁସଲମାନ, ଶିଖ ଖ୍ରୀଷ୍ଟିଆନ ସମସ୍ତେ ସମାନ। ଏଠାରେ ଆରାଧ୍ୟ ଦେବ ଜଗନ୍ନାଥଙ୍କୁ ସବୁ ଧର୍ମର ଲୋକ ସମ୍ମାନ ଦିଅନ୍ତି। ମୁସଲମାନ ସାଲବେଗ ଜଗନ୍ନାଥଙ୍କ ଭଜନ ଲେଖେ, ଖ୍ରୀଷ୍ଟିଆନ ମଧୁବାବୁ ଜଗନ୍ନାଥଙ୍କ ଭକ୍ତ, ସଙ୍ଗୀତଜ୍ଞ ସିକନ୍ଦରା ଆଲମ୍ ଜଗନ୍ନାଥଙ୍କର ପ୍ରଚାରକ କିନ୍ତୁ ଗୈରିକ ରାଜନୈତିକ ଦଳର କିଛି ଦୁର୍ବୃତ ରାଜ୍ୟ ରାଜଧାନୀରେ ଧର୍ମ ନାଁରେ, ଜାତି ନାଁରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ନାଁରେ ଆତଙ୍କ ସୃଷ୍ଟି କରି ଦଙ୍ଗା କରିବା ପାଇଁ ମନସ୍ଥ କରିଛନ୍ତି। ସେମାନଙ୍କୁ ସେ ଭାଇରାଲ ଭିଡ଼ିଓରୁ ଚିହ୍ନଟ କରି ଗିରଫ କରିବା ସହ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଅନୁରୋଧ। ଏହା ହେଉଛି ଦରଜ କରାଯାଇଥିବା ଏତଲାର ବିଷୟ ବସ୍ତୁ। ଏହି କାର୍ଯ୍ୟକ୍ରମରେ ବିଶ୍ୱଭୂଷଣ ମହାପାତ୍ର, ନିହାର ରଜନ ବେହେରା, ମହମ୍ମଦ ଗୁଲ୍‌ଫାନ, ରିୟାଜୁଲ୍ ଇସ୍‌ଲାମ, ଅଖିଳେଶ ଯାଦବ, ଅମରେଶ ପରିଡ଼ା, ଲିପିପା ପାତ୍ର, ରାମେଶ୍ୱପର ଶତପଥି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ନୀଳାଭ୍ର ଦାସଗୁପ୍ତା ପାରାଦୀପ ବନ୍ଦରର ନୂତନ ଉପାଧ୍ୟକ୍ଷ

ପାରାଦୀପ,(ପି.ଏନ): ନୀଳାଭ୍ର ଦାସଗୁପ୍ତ ଗୁରୁବାର ଦିନ ପାରାଦୀପ ବନ୍ଦର ପ୍ରାଧିକରଣ ର ନୂତନ ଉପାଧ୍ୟକ୍ଷ ବା ଡେପୁଟି ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ସେ ୨୦୦୮ ବ୍ୟାଚ୍ ର ଜଣେ ଭାରତୀୟ ରାଜସ୍ୱ ସେବା ଅଧିକାରୀ କ୍ଷ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀ ଶ୍ରୀ ଦାସଗୁପ୍ତା ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି କ୍ଷ ତେବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଦାସଗୁପ୍ତା କହିଛନ୍ତି ଯେ ପାରାଦୀପ ର ବିକାଶ ହିଁ ତାଙ୍କର ପ୍ରାଥମିକତା ରହିବ ଏବଂ ଆସନ୍ତା ବର୍ଷରେ ପାରାଦୀପ ବନ୍ଦରକୁ ସର୍ବଭାରତୀୟ ସ୍ତରରେ ଏକ ନମ୍ବରରେ ପହଞ୍ଚାଇବା ଏବଂ ବନ୍ଦର ସମ୍ପ୍ରଦାୟରେ ଏକ ସୁସ୍ଥ ବାତାବରଣ ବଜାୟ ରଖିବା ତାଙ୍କର ପ୍ରଚେଷ୍ଟା ରହିବ କ୍ଷ ଏବଂ ଯାହାଦ୍ୱାରା ବନ୍ଦରର ଅଭିବୃଦ୍ଧି ଏବଂ ବିକାଶକୁ ଇନ୍ଧନ ଦେବ। ସୂଚ଼ନାଥାଉକି, ନିକଟରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ ଙ୍କ ଅବସର ଗ୍ରହଣ କଲାପରେ ଏହି ପଦବୀ ଖାଲି ରହିଥିଲା।

## ତୃତୀୟ ଡେଭଲପ୍‌ମେଣ୍ଟ ୱାର୍କିଂ ଗ୍ରୁପ୍ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ) ଜି୨୦ ପ୍ରେସିଡେନ୍ସି ଅଧିନରେ ଗୋଆରେ ତୃତୀୟ ଡେଭଲପ୍‌ମେଣ୍ଟ ୱାର୍କିଂ ଗ୍ରୁପ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ୪ ଦିନିଆ ବୈଠକରେ ଜି୨୦ ସଦସ୍ୟ, ଆମନ୍ତ୍ରିତ ଦେଶ ଏବଂ ବିଭିନ୍ନ ଆନ୍ତର୍ଜାତୀୟ ତଥା ଆଚଂଳିକ ସଂଗଠନରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେବେ। ବୈଠକରେ ମହିଳାମାନଙ୍କ ନେତୃତ୍ୱାଧୀନରେ ଭାରତର ବିକାଶ, ଆର୍ଥିକ ସଶକ୍ତିକରଣ, ପୁଷ୍ଟିକର ଖାଦ୍ୟ ଏବଂ ଜଳବାୟୁ ପରିବର୍ତନ ପ୍ରସଙ୍ଗ ରେ ସେମାନଙ୍କର ଭୂମିକା ଦର୍ଶାଯାଇଥିଲା। ଏହି ଅବସରରେ ମହିଳା ମାନଙ୍କ ବିକାଶ ଉପରେ ଏକ ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା, ଯେଉଁଥିରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ସହଯୋଗରେ ମହିଳାମାନଙ୍କ ଦ୍ୱାରା ହୋଇଥିବା ଉନ୍ନତି ତଥା ବିକାଶ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଏକ ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା।

## କଣ୍ଟାବାଞ୍ଜି ବିଧାନସଭା ନିର୍ବାଚ଼ନ ମଣ୍ଡଳୀର ପୋଷ୍ଟର ବୟେ ହଂସରାଜ



ଭୁବନେଶ୍ୱର,(ପି.ଏନ): ଓଡିଶା ରାଜନୀତି ରେ ବଲାଙ୍ଗୀର ଜିଲ୍ଲା ଏକ ପ୍ରମୁଖ ଭୂମିକା ରହିଥିବା ବେଳେ ବଲାଙ୍ଗୀର ଜିଲ୍ଲା ରାଜନୀତି ରେ ଓଡିଶା ବିଧାନସଭା ର ୭୦ ଅଣସଂରକ୍ଷିତ ବିଧାନସଭା ନିର୍ବାଚ଼ନ ମଣ୍ଡଳୀ କଣ୍ଟାବାଞ୍ଜି ହେଉଛି ଅନ୍ୟତମ। ପ୍ରାୟ ୨ ଲକ୍ଷ ରୁ ଅଧିକ ଭୋଟର ଥିବା ଏହି କଣ୍ଟାବାଞ୍ଜି ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ରେ ରହିଛି ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା ବ୍ଲକ ସାଙ୍ଗକୁ କଣ୍ଟାବାଞ୍ଜି ଏନ୍‌ଏସି। ୧୯୬୧ ମସିହାରେ ଗଠିତ ହୋଇଥିବା ରାଜ୍ୟ ବିଧାନସଭା ର ଏହି ନିର୍ବାଚ଼ନ ମଣ୍ଡଳୀ ଚୈତନ୍ୟ ପଧାନ, ପ୍ରସନ୍ନ ପାଲ, ହାଜି ମହମ୍ମଦ ଆୟୁବ ଖାନ, ସନ୍ତୋଷ ସିଂ ସାଲୁଜା ଙ୍କ ଭଳି ଅନେକ ନେତା ଅନେକ ଦଳରୁ ତଥା ସ୍ୱାଧୀନ ପ୍ରାର୍ଥୀ ଭାବରେ ଲଢି ଲୋକ ପ୍ରତିନିଧିମାନେ ହେବାର ସୌଭାଗ୍ୟ ଲାଭ କରିଛନ୍ତି। କେତେବେଳେ ସ୍ୱାଧୀନ ପ୍ରାର୍ଥୀ ତ କେତେବେଳେ ଜନତା ଦଳ, କେତେବେଳେ କଂଗ୍ରେସ ତ ପୁଣି କେତେବେଳେ ବିଜେଡି ନେତୃତ୍ୱ ନେଇଥିବା ବେଳେ ବିଜେପି ବର୍ତମାନ ପର୍ଯ୍ୟନ୍ତ ଏହି ନିର୍ବାଚ଼ନ ମଣ୍ଡଳୀ ରୁ ବିଜୟୀ ହୋଇନାହିଁ। ବିଗତ ୨୦୧୯ ରେ ବିଜେପି ଦଳ ବିଜୟୀ ସ୍ୱାଦ ଚ଼ାଖୁ ଚ଼ାଖୁ ମାତ୍ର ୧୨୮ ଟି ଭୋଟ ରେ ପରାଜିତ ହୋଇଥିବା ବେଳେ କଂଗ୍ରେସ ଦଳ ବିଜୟୀ ହୋଇଥିଲା ଓ ଓଡିଶାରେ ନଂ ୧ଦଳ ଥିବା ବିଜେଡି ୩ନଂ କୁ ଖସିଯାଇଥିଲା ଯାହାକି ବିଗତ ନିର୍ବାଚ଼ନ ରେ ବିଜୁ ଜନତା ଦଳ ରେ ପ୍ରାର୍ଥୀ ଚ଼ୟନ ଭୁଲ ହୋଇଥିଲା ବୋଲି ଦଳ ଭିତରେ ଗୁଂଜରଣ ସୃଷ୍ଟି ହୋଇଥିଲା। ତେବେ ଅଞ୍ଚଳର ପ୍ରଗତି ଓ ଉନ୍ନତି କିନ୍ତୁ ଯଥା ପୂର୍ବମ ତଥା ପରମଂ ସ୍ଥିତିରେ ରହିଅଛି। ଦାଦନ ଗଡ ଭାବେ ପରିଚ଼ିତ ଏହି ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେଲାପରେ ସାମାନ୍ୟ ଅଣ୍ଟା ସଳଖି ଠିଆ ହୋଇ ପାରିଲାଭଳିଆ ଜଣାପଡୁଥିଲେ ସୁଦ୍ଧା ନିର୍ବାଚ଼ିତ ଜନପ୍ରତିନିଧି ମାନଙ୍କର ବୈମାତୃକ ମନୋଭାବ ଓ ଦଳୀୟ ରାଜନୀତିର ପଶାପାଲିରେ ଅଣନିସ୍ୱାସୀ ହୋଇ ଯାଉଥିବାର ନଜର କୁ ଆସିଛି। ବିଧାନ ସଭା ରେ ଅଞ୍ଚଳ ର ସମସ୍ୟା ଠିକ ଭାବରେ ଉପସ୍ଥାପିତ କରିପାରୁନାହାନ୍ତି ଜନ ପ୍ରତିନିଧି। ଏବେ କିନ୍ତୁ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ର ରାଜନୀତି କଡ ଲେଉଟାଇବାରେ ଲାଗିଛି। ଅନେକ ନୂଆଁ ଚେହେରା ବର୍ତମାନ ଅଞ୍ଚଳ ଋଣ ସୁଝିବାପାଇଁ ଉତ୍ସାହ ପ୍ରକାଶ କରିଛନ୍ତି। ସେହି ଉତ୍ସାହି ମାନଙ୍କ ମଧ୍ୟରେ ଏହି ନିର୍ବାଚ଼ନ ମଣ୍ଡଳୀ ର ଜଣେ ପରିଚ଼ିତ ଓ ଜନ ଅଦ୍ଭୁତ ନେତା ହେଲେ ହଂସରାଜ ଜୈନ। ମୁରିବାହାଲ ବ୍ଲକ ଶିରୋଲ ଗ୍ରାମର ମୂଳ ନିବାସୀ ଶ୍ରୀ ଜୈନ ୧୯୯୭ ମସିହାରୁ ମୁରିବାହାଲ ବ୍ଲକ ତେତେଲଖୁଣ୍ଟି ପଞ୍ଚାୟତ ରୁ ସମିତି ସଭ୍ୟ ଭାବରେ ନିଜର ରାଜନିତୀ ଜୀବନ ଆରମ୍ଭ କରି ମୁରିବାହାଲ ବ୍ଲକ ର ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିବା ସହ ୧୯୯୭ ରୁ ୨୦୨୨ ପର୍ଯନ୍ତ ନିଜ ଅଧିନରେ ମୁରିବାହାଲ ପଞ୍ଚାୟତ ସମିତିକୁ ନିଜ ଅଧିନରେ ରଖିପାରିଥିଲେ। ବିଗତ ପଞ୍ଚାୟତ ନିର୍ବାଚ଼ନ ରେ ମଧ୍ୟ ସେ ନିଜ ପତିଆରା ଜାହିର କରିପାରିଥିବା ବେଳେ ନିଜ ଦଳର ଭିତିରିଆ ରାଜନୀତି ର ଶିକାର ପାଲଟି ମାତ୍ର ୨ଟି ଭୋଟରେ ଅଧ୍ୟକ୍ଷ ପଦ ହାତେଇ ପାରିନଥିଲେ। କଂଗ୍ରେସ ଦଳରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ଏହି ନେତାଙ୍କ ସାଂଗଠନିକ ଦକ୍ଷତା ଦେଖି ବିଜୁ ଜନତା ଦଳ ନିଜ ଦଳରେ ସାମିଲ କରିଥିଲା ଓ ଦଳୀୟ ସାଂଗଠନିକ କାର୍ଯ୍ୟ ତୁରନ୍ତ ତାଙ୍କୁ ପ୍ରଦାନ କରି ରାଜ୍ୟ ସଂପାଦକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ରେ ଅଭିଶିକ୍ତ କରିଥିଲା। ଯାହା ଫଳରେ କଣ୍ଟାବାଞ୍ଜି ନିର୍ବାଚ଼ନ ମଣ୍ଡଳୀ ରେ ବିଜୁ ଜନତା ଦଳ ର ଅଧିକ ଶକ୍ତିଶାଳୀ ହୋଇପାରିଥିଲା। ବିଜୁ ଜନତା ଦଳରେ ଶ୍ରୀ ଜୈନ ଅନେକ ସଭା ସମିତି ଆୟୋଜନ କରି ବିଗତ ବିଧାନସଭା ନିର୍ବାଚ଼ନ ସମୟରେ ହିଁ ଟିକେଟ ଦାବୀ ଦାର ହୋଇ ପାରିବାରେ ସଫଳ ହୋଇଥିଲେ। ଦଳ ପ୍ରତି ତାଙ୍କର ନିଷ୍ଠା ଓ ସରକାରୀ ଯୋଜନା ଗୁଡିକୁ ନିମ୍ନ ରୁ ନିମ୍ନ ସ୍ତର ଲୋକ ଙ୍କର ପାଖକୁ ପହଞ୍ଚାଇବାର କଳା କୁ ଦେଖି ତାଙ୍କୁ ପଶ୍ଚିମ ଓଡିଶା ବିକାଶ ପରିଷଦ ର ସଦସ୍ୟ ଭାବରେ ଓଡିଶା ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱ ଦେଇଛନ୍ତି। ବିଜୁ ଜନତା ଦଳର ପୋଷ୍ଟର ବୟେ ଭାବରେ ବର୍ତମାନ ସେ କଣ୍ଟାବାଞ୍ଜି ନିର୍ବାଚ଼ନ ମଣ୍ଡଳୀ ରେ କାର୍ଯରତ। ଗରିବ ରୋଗୀ ଙ୍କୁ ମାଗଣା ଚ଼ିକିତ୍ସା ହେଉ କିମ୍ବା କୋଭିଡ ସମୟରେ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ, ରାସନ ସାମଗ୍ରୀ ବଣ୍ଟନ ଓ କରୋନା ରୋଗୀଙ୍କୁ ସମସ୍ତେ ଭୟ କରୁଥିବା ସମୟରେ ନିଜେ ଆଗକୁ ବଢି ରୋଗୀଙ୍କୁ ଡାକ୍ତରଖାନା ନେବା ର ବ୍ୟବସ୍ଥା କରିବା ସବୁଥିରେ ଆଗରେ ରହୁଥିଲେ ସେ। ଓଡିଶା ସରକାର ଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କୁ ନିଜ ନିର୍ବାଚ଼ନ ମଣ୍ଡଳୀ ର ଗରିବ ରୁ ଗରିବ ଲୋକଙ୍କ ପାଖରେ ପହଞ୍ଚାଇବା ରେ ସେ ବର୍ତମାନ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜଣେ ସଫଳ ଓ ଉର୍ଦ୍ଧ୍ୱକୋଟୀର ରାଜନେତା ହେବାର କ୍ଷମତା ରଖିଥିବା ଶ୍ରୀ ଜୈନ ଆଗାମୀ ବିଧାନସଭା ନିର୍ବାଚ଼ନ ପାଇଁ ନିର୍ବାଚ଼ନ ମଣ୍ଡଳୀରୁ ପ୍ରମୁଖ ଦାବୀ ଦାର ଥିବା ପୁରା ନିର୍ବାଚ଼ନ ମଣ୍ଡଳୀ ରେ ହେଉଥିବା ବିଜୁ ଜନତା ଦଳ ର ବିଭିନ୍ନ ସାଂଗଠନିକ ବୈଠକେ ଚ଼ର୍ଚ୍ଚା ର ବିଷୟ ପାଲଟି ଥିବା ବେଳେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ର ସାଧାରଣ ଜନତା ତାଙ୍କ ନିକଟରୁ ଅଞ୍ଚଳ ର ଉନ୍ନତି ପାଇଁ ଅନେକ ସମ୍ଭାବନା ଦେଖୁଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray